Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 89
Tuesday, 2 June 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୨ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ
ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା,
ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା
ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ
ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର
କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଅଭିଯୋଗ ଶୁଣାଣି ଆମ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧/୬ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ୟୁନିଟ-୨ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ ଶୁଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରିମଣ୍ଡଳର ୧୩ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି । ରାଜ୍ୟ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ଆଜିକୁ ମିଶାଇ ୧୮ ଥର ଶୁଣାଣି କରିସାରିଛନ୍ତି । ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଭେଟି ତାଙ୍କ ଅଭିଯୋଗ ଗ୍ରହଣ କରିଥାନ୍ତି । ଅଭିଯୋଗ ଶୁଣାଣି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଯୋଗୁ ପ୍ରଶାସନର ବିଭିନ୍ନ ସ୍ତରରେ ଏହାର ସୁପ୍ରଭାବ ପଡ଼ିଛି । ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପିମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି । ଜିଲ୍ଲାସ୍ତରରେ ଏପ୍ରିଲ ମାସ ସୁଦ୍ଧା ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି ହୋଇ ୯୨ ପ୍ରତିଶତ ସମାଧାନ ହୋଇଛି । ଏହା ଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି । ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ଼ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ବୃଦ୍ଧି ପାଇଛି । ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ । ବିଭିନ୍ନ ରୋଗରେ ପୀଡ଼ିତ ପ୍ରାୟ ୧୩ ଜଣ ଅଭିଯୋଗକାରୀଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୩.୬୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି । ସେହିଭଳି ପୁଅର ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ନୟାଗଡ଼ ଜିଲ୍ଲାର କାମାକ୍ଷୀ ସାହୁଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଞ୍ଜୁର କରିଛନ୍ତି । ଆଜି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ୧୭ ପାଳି ସୁଦ୍ଧା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ଭାବେ ଆସି ଅଭିଯୋଗ ଦେଇଥିବା ୧୪,୬୫୧ ଟି ଅଭିଯୋଗ ମଧ୍ୟରୁ ୧୪,୦୪୬ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି । ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଂଚାଇ ପାରୁଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଟିକେ କମ୍ ଅଛି । ଗ୍ରୀଷ୍ମ ଋତୁ ପରେ ଏହାକୁ ଆହୁରି ବ୍ୟାପକ କରାଯିବ । ଭୁବନେଶ୍ୱର ବାହାରେ ବିଭିନ୍ନ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହା ଦ୍ୱାରା ଦୂରଦୂରାନ୍ତରୁ ଲୋକମାନେ ଆଉ ଖର୍ଚ୍ଚାନ୍ତ ଓ ହଇରାଣ ହୋଇ ଭୁବନେଶ୍ୱର ଆସିବେ ନାହିଁ । ପ୍ରଶାସନ ଲୋକଙ୍କ ପାଖରେ ପହଂଚି ସେମାନଙ୍କ ସମସ୍ୟା ଶୁଣିବ । ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଂଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଂଟିଆ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ଜେଇ ଆଡ୍‌ଭାନ୍ସଡ ଟପ୍ପର ହେଲେ ଶୁଭମ କୁମାର

ନୂଆଦିଲ୍ଲୀ, ୧/୬(ନ୍ୟୁ.ଏ): ଦେଶରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଅପେକ୍ଷାର ଅନ୍ତ ହୋଇଛି । ପ୍ରକାଶ ପାଇଛି ଜେଇଇ ଆଡଭାନ୍ସ ରେଜଲ୍ଟ ୨୦୨୬ । ଆଇଆଇଟି ଦିଲ୍ଲୀ ଜୋନରୁ ଶୁଭମ କୁମାର ଟପ୍ପର ହୋଇଛନ୍ତି । ୩୬୦ରୁ ସେ ୩୦୦ ନମ୍ବର ରଖି ଅଲ୍ ଇଣ୍ଡିଆ ନମ୍ବର ୱାନ୍ ସ୍ଥାନ ହାସଲ କରିଛନ୍ତି । ସେହିପରି ମହିଳାରେ ଆରୋହୀ ଦେଶପାଣ୍ଡେ ୩୬୦ରୁ ୨୮୦ ରଖି ଟପ୍ କରିଛନ୍ତି । ମୋଟ୍ ୧.୭୯ ଲକ୍ଷ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୫୬,୮୮୦ କୃତକାର୍ଯ୍ୟ ହୋଇଛନ୍ତି । କଠିନ ପରିଶ୍ରମ, ଆତ୍ମ-ଅଧ୍ୟୟନ ଏବଂ ପ୍ରସ୍ତୁତି ମାଧ୍ୟମରେ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଶୁଭମ, ଯିଏ JEE ମେନ୍ସରେ ୧୦୦ ପ୍ରତିଶତ ରେଜଲ୍ଟ କରିଥିଲେ । ଜେଇଇ ଆଡଭାନ୍ସରେ ବି ତାଙ୍କର ଜଲୱା ଦେଖିବାକୁ ମିଳିଛି । JEE ଆଡଭାନ୍ସଡ୍ ୨୦୨୬ ଟପର୍ ଶୁଭମ କୁମାର କହିଛନ୍ତି ଯେ, ସୋସିଆଲ ମିଡିଆ ଏବଂ ନକାରାତ୍ମକ ଖବର ଏଡ଼ାଇବା ତାଙ୍କୁ ସଫଳ କରିବାରେ ସାହାଯ୍ୟ କରିଛି । ହାର୍ଡୱେର୍ କାମ କରନ୍ତି ଶୁଭମଙ୍କ ବାପା- ଶୁଭମ ଏକ ସାଧାରଣ ପରିବାରରୁ ଆସିଛନ୍ତି । ତାଙ୍କ ବାପା ଶିବ କୁମାର ହାର୍ଡୱେୟାରରେ କାମ କରନ୍ତି । ତାଙ୍କ ମାଆ କାଂଚନ ଦେବୀ ଜଣେ ଗୃହିଣୀ । ପରିବାର ସଦସ୍ୟମାନେ ମଧ୍ୟ ଶୁଭମଙ୍କ ସଫଳତାରେ ଖୁସି । ତାଙ୍କ ବଡ଼ ଭଉଣୀ ପ୍ରିୟା କୁମାରୀ ମଧ୍ୟ ଆଇଆଇଟି ପାଟନାରେ କମ୍ପ୍ୟୁଟର ବିଜ୍ଞାନ ପଢୁଛନ୍ତି । ଶୁଭମ କେଉଁଠାରେ ପାଠ ପଢ଼ିଥିଲେ ? ଶୁଭମ ଗୟାର ନାଜାରେଥ ଏକାଡେମୀରେ ତାଙ୍କର ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ । ସେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି କୋଚିଂ କିମ୍ବା ଟ୍ୟୁସନ ନେଇ ନଥିଲେ । ତାଙ୍କ ମା' ତାଙ୍କୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ାରେ ମାର୍ଗ ଦର୍ଶନ କରିଥିଲେ । ସେ ନିଜେ କଠିନ ପରିଶ୍ରମ ଦ୍ୱାରା ପରବର୍ତ୍ତୀ ପାଠପଢ଼ା ସମାପ୍ତ କରିଥିଲେ । ସେ ବ୍ରିଟିଶ ଇଂରାଜୀ ସ୍କୁଲରୁ ଦ୍ୱାଦଶ ଶ୍ରେଣୀ ପାସ୍ କରିଥିଲେ । ଶୁଭମ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି । କୋଚିଂ ବ୍ୟତୀତ, ସେ ପ୍ରତିଦିନ ପ୍ରାୟ ୮ ଘଂଟା ପାଠପଢ଼ାରେ ସମୟ ବିତାଉଥିଲେ । କୋଟାର ପରିବେଶ ସଫଳତା ଆଣିଥିଲା ଶୁଭମ ଭଲ ପ୍ରସ୍ତୁତି ପାଇଁ ଗତ ଦୁଇ ବର୍ଷ ଧରି କୋଟାରେ ରହୁଛନ୍ତି । ସେ ଏକାଦଶ ଶ୍ରେଣୀରେ ଅନଲାଇନ୍ କୋଚିଂ ନେଇଥିଲେ ଏବଂ ପରେ ସ୍କଲାରସିପ୍ ପାଇବା ପରେ କୋଟାରେ ଅଫଲାଇନରେ ପଢ଼ିବା ଆରମ୍ଭ କରିଥିଲେ ।

କେନ୍ଦ୍ର ଖଣିମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର, ୧/୬ (ଆ.ପ୍ର) : ଦେଶର ଖଣିଜ ଅର୍ଥନୀତି ଓ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱ କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାରେ ପ୍ରାୟ ୪୭୧ ମିଲିଅନ୍ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ ହୋଇଥିବା ବେଳେ ଏଥିରୁ ପ୍ରାୟ ୪୬ ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି । ଏ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅହୁରି ସକ୍ରିୟ ସହଯୋଗ ଆବଶ୍ୟକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀଙ୍କ ସହିତ ଆଲୋଚନା କରି ଏହା କହିଛନ୍ତି । ଏହିସହ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଛନ୍ତି । ଓଡ଼ିଶାରେ ଯେଉଁ ଖଣିଜ ବ୍ଲକ୍ ଗୁଡ଼ିକ ନିଲାମ ହୋଇଛି, ତାହାର ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ । ଏହାସହିତ ଶାସ୍ତ୍ରୀବୋହୂମାଳୀ ବକ୍ସାଇଟ ବ୍ଲକ୍ ଓ ଠାକୁରାଣୀ ଲୁହାପଥର ବ୍ଲକ୍ ଡଗଇ କୁ ପ୍ରଦାନ କରିବା ପାଇଁ ସେ ଖଣିମନ୍ତ୍ରୀଙ୍କୁ କହିଥିଲେ । ଖଣିଜ ଓ ପରିବହନକୁ ଅଧିକ ଦକ୍ଷ ଓ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ କରିବା ପାଇଁ ରେଳ ଓ ବନ୍ଦର ଭିତ୍ତି ଭୂମିର ତ୍ୱରିତ ବିକାଶ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପରିବେଶ ସୁରକ୍ଷା ଦୃଷ୍ଟିରୁ ପରିତ୍ୟକ୍ତ କୋଇଲା ଖଣି ଗୁଡ଼ିକ ଫ୍ଲାଇଆସ୍ ଜରିଆରେ ପୁର୍ନଭରଣ କରିବା ପାଇଁ ଏକ ଉପଯୁକ୍ତ ଫ୍ରେମୱାର୍କ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଥିଲେ ଯେ, ଖଣି କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରେଳ, ବନ୍ଦର, ଜଙ୍ଗଲ ଓ ପରିବେଶ ଆଦି ବିଭିନ୍ନ ବିଭାଗର ସହଯୋଗର ଆବଶ୍ୟକତା ରହିଛି । ଏଥିପାଇଁ ସମସ୍ତ ମନ୍ତ୍ରାଳୟ ଓ ରାଜ୍ୟ ସରକାର ମିଶି ଏକ ଉଚ୍ଚସ୍ତରୀୟ ବୈଠକ କରିଆରେ ସମସ୍ତ ବିଷୟ ଗୁଡ଼ିକ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ବୈଠକରେ ଖଣିଜ ଅଂଚଳର ବିକାଶ ଓ ସ୍ଥାନୀୟ ଲୋକଙ୍କର କଲ୍ୟାଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏଥିରେ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ, ନେଭେଲି ଲିଗନାଇଟ କର୍ପୋରେସନ, ସିଙ୍ଗାରେନୀ କୋଲିଆରିଜ୍ କମ୍ପାନୀ ଲିମିଟେଡ, ନାଲ୍କୋ, ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ଆଦି ସଂସ୍ଥାର ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଇଡ୍କୋ ଅଧ୍ୟକ୍ଷ) ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ର ଖଣି ସଚିବ ଓ ଖଣି ମନ୍ତ୍ରଣାଳୟର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ରାଇରଂଗପୁର ଆସିବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ !

ରାଇରଙ୍ଗପୁର, ୧/୬ (ଆ.ପ୍ର) : ଆସନ୍ତା ୧୯ ଓ ୨୦ ତାରିଖରେ ଦୁଇ ଦିନିଆ ରାଇରଙ୍ଗପୁର ଗସ୍ତରେ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମୟୂରଭଞ୍ଜ ଲୋକସଭା ସାଂସଦ ନବ ଚରଣ ମାଝୀ ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଭବନରୁ କୌଣସି ଚିଠି ଆସିନଥିଲେ ମଧ୍ୟ ଦ୍ରୌପଦୀ ମୁର୍ମୁ ଆସନ୍ତା ୧୯ ତାରିଖ ନୂଆଦିଲ୍ଲୀରୁ ଏକ ସତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଆସିବେ ବୋଲି ସୂଚନା ମିଳିଛି । ସେଠାରୁ ସେ ବାୟୁସେନାର ହେଲିକେପ୍ଟର ଯୋଗେ ରାଇରଙ୍ଗପୁର ପହଂଚିବେ ବୋଲି ସୂଚନା ମିଳିଛି । ସେ ୧୯ ଓ ୨୦ ତାରିଖ ରାଇରଙ୍ଗପୁରରେ ରହିବେ ବୋଲି ସୂଚନା ମିଳିଛି । ସେହିପରି ୨୦ ଜୁନ୍ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଆସିବେ ପରେ ସତନ୍ତ୍ର ହେଲିକେପ୍ଟର ଯୋଗେ ରାଇରଙ୍ଗପୁର ପହଂଚିବେ । ପ୍ରଧାନମନ୍ତ୍ରୀଙ୍କୁ ରାଷ୍ଟ୍ରପତି ସ୍ୱାଗତ କରିବେ ବୋଲି ସୂଚନା ମିଳିଛି । ଡାମନଘାଟୀ ଉପଖଣ୍ଡର କିଛି ନୂଆ ପ୍ରକଳ୍ପକୁ ଉଦଘାଟନ କରିବା ସହିତ କିଛି ନୂତନ ପ୍ରକଳ୍ପର ଶିଳାନ୍ୟାସ ପାଇଁ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି ।

ବିଶ୍ୱବିଦ୍ୟାଳୟ ଜମି ସୁରକ୍ଷା ଉପରେ ଗୁରୁତ୍ୱାରୋପ କଲେ ରାଜ୍ୟପାଳ

ଭୁବନେଶ୍ୱର, ୧/୬ (ଆ.ପ୍ର) : ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ନିଜସ୍ୱ ଜମିକୁ ଜବରଦଖଲରୁ ସୁରକ୍ଷିତ ରଖିବା ସହ ସ୍ଥାୟୀ ଓ ଆତ୍ମନିର୍ଭର କ୍ୟାମ୍ପସ ଗଠନ ଦିଗରେ ସକ୍ରିୟ ପଦକ୍ଷେପ ନେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ଲୋକସେବା ଭବନର ନ୍ୟୁ ଅଭିଷେକ ହଲ୍ ୨ରେ ଆୟୋଜିତ ଦୁଇଦିନିଆ ରାଜ୍ୟ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ କୁଳପତି ସମ୍ମିଳନୀର ସମାପନୀ ଅଧିବେଶନରେ ଯୋଗଦେଇ ରାଜ୍ୟପାଳ କହିଥିଲେ ଯେ, ଅନେକ ଶିକ୍ଷାନୁଷ୍ଠାନ ଜମି ଜବରଦଖଲ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ କୁଳପତିମାନେ ସଚେତନ ରହି ଏହାକୁ ରୋକିବା ପାଇଁ ପ୍ରଭାବୀ ବ୍ୟବସ୍ଥା ଗଢ଼ି ତୋଳିବା ଆବଶ୍ୟକ । ସେ କହିଥିଲେ ଯେ, ସରକାର ଜବରଦଖଲ ଜମି ଉଦ୍ଧାର ପାଇଁ ଆବଶ୍ୟକ ପଦକ୍ଷେପ ନେବେ, କିନ୍ତୁ ଭବିଷ୍ୟତରେ ଯେପରି ଆଉ ଜବରଦଖଲ ନ ହୁଏ, ସେଥିପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକର ମଧ୍ୟ ଦାୟିତ୍ୱ ରହିଛି । ରାଜ୍ୟପାଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସୌରଶକ୍ତି ଭଳି ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । କ୍ୟାମ୍ପସର ଛାତ ଅଂଚଳକୁ ସୌର ପ୍ୟାନେଲ୍ ସ୍ଥାପନ ପାଇଁ ବ୍ୟବହାର କରି ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବାକୁ ସେ ଆହ୍ୱାନ ଦେଇଥିଲେ । ଆର୍ଥିକ ସମସ୍ୟା ସତ୍ତ୍ୱେ ସବୁଜ ପରିବର୍ତ୍ତନ ସମ୍ଭବ ବୋଲି ଉଲ୍ଲେଖ କରି ସେ ସିଏସଆର୍ (CSR) ପାଣ୍ଠି ଏବଂ ରେସ୍କୋ (RESCO) ମଡେଲର ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ । ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣକୁ ନିୟମିତ କାର୍ଯ୍ୟକ୍ରମରେ ପରିଣତ କରିବା, ଅବ୍ୟବହୃତ ଜମିରେ ସବୁଜ ବଳୟ ବୃଦ୍ଧି କରିବା ଏବଂ କାର୍ବନ୍ କ୍ରେଡିଟ୍ ବ୍ୟବସ୍ଥା ମାଧ୍ୟମରେ ଅତିରିକ୍ତ ଆୟର ସୁଯୋଗ ସୃଷ୍ଟି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ । କ୍ୟାମ୍ପସରେ ସାଂସ୍କୃତିକ କାର୍ଯ୍ୟକଳାପର ପ୍ରସାର ସହ ପ୍ରତିମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ସମୂହ ଶ୍ରବଣ ଆୟୋଜନ କରିବାକୁ ସେ କହିଥିଲେ । ଦକ୍ଷତା ବିକାଶ କ୍ଷେତ୍ରରେ ଭିତିଭୂମି ଅଭାବ ଥିବା ଅନୁଷ୍ଠାନଗୁଡ଼ିକୁ ସ୍କିଲ୍ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ସ (SDI) ସହ ସହଯୋଗ କରିବାକୁ ପରାମର୍ଶ ଦେଇ ସେ କହିଥିଲେ ଯେ, ଦକ୍ଷତା ପ୍ରଶିକ୍ଷଣର ସଫଳତା କେବଳ ପ୍ରଶିକ୍ଷିତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ନୁହେଁ, ବରଂ କେତେଜଣ ନିଯୁକ୍ତି ପାଇଛନ୍ତି କିମ୍ବା ରୋଜଗାରକ୍ଷମ ହୋଇଛନ୍ତି ତାହା ଦ୍ୱାରା ମାପ କରାଯିବା ଉଚିତ । ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟପାଳଙ୍କ ପରାମର୍ଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ସକ୍ରିୟ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଥିଲେ । ସେ କହିଥିଲେ ଯେ, ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଦକ୍ଷତା ବିକାଶ ଭିତିଭୂମିକୁ ଆହୁରି ସୁଦୃଢ଼ କରାଯିବ । ସମ୍ମିଳନୀର ଶେଷ ଦିନରେ କୁଳପତିମାନେ ସବୁଜ ଶକ୍ତି ଓ ସ୍ଥାୟୀ ବିକାଶ, କ୍ୱାଂଟମ୍ କମ୍ପ୍ୟୁଟିଂ ଓ ଉଦୀୟମାନ ପ୍ରଯୁକ୍ତି, ଅନୁଷ୍ଠାନିକ ଶାସନର ଶ୍ରେଷ୍ଠ ଅଭ୍ୟାସ ଏବଂ ଶୈକ୍ଷିକ ଉତ୍କର୍ଷତା ଭଳି ବିଭିନ୍ନ ବିଷୟ ଉପରେ ମତାମତ ରଖିଥିଲେ । ରାଜ୍ୟପାଳ କହିଥିଲେ ଯେ, ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଡିଗ୍ରୀଧାରୀ ସୃଷ୍ଟି କରିବାରେ ସୀମିତ ନ ରହି, ଦେଶ ଗଠନରେ ସହାୟକ ଦକ୍ଷ ନାଗରିକ, ନବସୃଷ୍ଟିକାରୀ ଓ ନେତୃତ୍ୱ ଗୁଣସମ୍ପନ୍ନ ଯୁବପିଢ଼ି ତିଆରି କରିବା ଉଚିତ ।

ଧାର୍ଯ୍ୟ ସମୟରେ ପ୍ରକଳ୍ପ ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧/୬ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପକୁ ଆଧାର କରି ରାଜ୍ୟର ରୋଡ୍ ନେଟ୍‌ୱାର୍କକୁ ସମୃଦ୍ଧ କରିବା କ୍ଷେତ୍ରରେ ଆମେ ଆଗେଇ ଚାଲିଛୁ । ସମସ୍ତଙ୍କ ମିଳିତ ସହଯୋଗରେ ଆମେ ବିଗତ ବର୍ଷ ତୁଳନାରେ ଭିତିଭୂମି ନିର୍ମାଣ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଛୁ । ତେବେ ଏହି ଧାରାକୁ ବଜାୟ ରଖିବା ଏବଂ ପ୍ରକଳ୍ପଗୁଡ଼ିକୁ ଅଧିକ ତ୍ୱରିତ ଗତିରେ ଆଗେଇନେବା ଲାଗି ଆମକୁ ସ୍ୱତନ୍ତ୍ର ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଆଜି ୫୦ କୋଟିରୁ ଅଧିକ ବ୍ୟୟ ଅଟକଳ ଥିବା ୪୮ ଗୋଟି ଜାତୀୟ ରାଜପଥର ଅଗ୍ରଗତି ନେଇ ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍‌ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ କେନ୍ଦ୍ର ସରକାର ସବୁବେଳେ ଓଡ଼ିଶାକୁ ଅଧିକରୁ ଅଧିକ ପାଣ୍ଠି ଦେବାକୁ ପ୍ରସ୍ତୁତ ଅଛନ୍ତି । ବର୍ତ୍ତମାନ ରାଜ୍ୟରେ ଅନେକ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ଆଗକୁ ଆହୁରି ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହାକୁ ଦୃଷ୍ଟିରେ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏବଂ ଇଂଜିନିୟରମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ୧୭୨୧ କୋଟି ମୂଲ୍ୟର ୪୯ଟି ପ୍ରକଳ୍ପ ନିକଟରେ ଶେଷ ହୋଇଛି, ଯାହା ଖୁବ୍‌ଶୀଘ୍ର ଲୋକାର୍ପିତ ହେବ । ସେହିପରି ୧୨୧୦୨ କୋଟି ମୂଲ୍ୟର ୪୭ଟି ନୂଆ ପ୍ରକଳ୍ପର ଭିତିପ୍ରସ୍ତର ଖୁବ୍‌ଶୀଘ୍ର ସ୍ଥାପନ ହେବାକୁ ଯାଉଛି ବୋଲି ସେ ପ୍ରକାଶ କରିଥିଲେ । ବୈଠକରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ୟୁଟିଲିଟି ସିଫ୍ଟିଂ, ସଠିକ୍ ପ୍ଲାନିଂ ଓ ଡିଜାଇନ୍ ସହ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବା ପାଇଁ ଆମକୁ ଅଧିକ ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ । ଆଜିର ବୈଠକରେ ୩୦ଟି ଚାଲୁ ରହିଥିବା ପ୍ରକଳ୍ପ, ୧୪ଟି କାର୍ଯ୍ୟାଦେଶ ହେବାକୁ ଥିବା ପ୍ରକଳ୍ପ ଏବଂ ୪ଟି ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା । ଏଥି ମଧ୍ୟରେ ଭଞ୍ଜନଗରରୁ ଆସ୍କା ରୋଡ୍, ରିଆମାଳ ବାଇପାସ୍ ରୋଡ୍, ବ୍ରହ୍ମପୁର ବାଇପାସ୍, ଖରିଆର ରୋଡ୍ ଆରଓବି, ପୁରୀ-ମାଟିଆପଡ଼ା ଆରଓବି, ନୟାଗଡ଼ ବାଇପାସ୍, କେସିଙ୍ଗା ଆରଓବି, ମାଲକାନଗିରି-ମୋଟୁ ରାସ୍ତାରେ ଥିବା ହାଇଲେବୁଲ୍ ବ୍ରିଜ, କନ୍ଧପୁର-ବାଲିକୁଦା ରାସ୍ତା, କୋଟପାଡ଼ ବାଇପାସ ରାସ୍ତା, କୁଆଖିଆ-ମଙ୍ଗଳପୁର ରାସ୍ତା, ଟିଟିଲାଗଡ଼ ବାଇପାସ୍ ରାସ୍ତା, ବୈତରଣୀ ନଦୀରେ ହାଇଲେବୁଲ୍ ବ୍ରିଜ, ନବରଙ୍ଗପୁର ବାଇପାସ, ତେଲ ନଦୀରେ ହାଇଲେବୁଲ୍ ବ୍ରିଜ, ଝାରସୁଗୁଡ଼ା ବାଇପାସ ରାସ୍ତା, ରାଇରଙ୍ଗପୁର ବାଇପାସ୍, ଦଶପଲ୍ଲା ବାଇପାସ୍ ଆଦି ଚାଲୁଥିବା ପ୍ରକଳ୍ପ ରହିଥିଲା । ଏଥି ସହିତ କାର୍ଯ୍ୟାଦେଶ ହେବାକୁ ଥିବା ଏବଂ ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପୂର୍ତ୍ତ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଏଲ୍.କେ. ପାଢ଼ୀ, ଅର୍ଥ ପରାମର୍ଶଦାତା ରତୀକାନ୍ତ ମହାପାତ୍ର, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ-୧ ଇଂ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ-୨ ଇଂ ଦୀପକ କୁମାର ପାଣିଗ୍ରାହୀଙ୍କ ସମେତ ବିଦ୍ୟୁତ ବିଭାଗ, ଓପିଟିସିଏଲ୍, କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀ, ବିଭିନ୍ନ ଜୋନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀମାନେ ଉପସ୍ଥିତ ଥିଲେ ।

ଦ୍ୱିଷା ଶର୍ମା ମୃତ୍ୟୁ ମାମଲା: ସିନ୍ ରିକ୍ରିଏଟ୍ କଲା ସିବିଆଇ

ଭୋପାଳ, ୧/୬(ନ୍ୟୁ.ଏ): ଅଭିନେତ୍ରୀ ଦ୍ୱିଷା ଶର୍ମାଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଡମି ବ୍ୟବହାର କରି ସିନ୍ ରିକ୍ରିଏଟ୍ କରିଛି । ଦ୍ୱିଷା ଶର୍ମାଙ୍କୁ ମେ ୧୨ ତାରିଖରେ ଭୋପାଳ ସ୍ଥିତ ତାଙ୍କ ଶ୍ୱଶୁର ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ସ୍ୱାମୀ ସମର୍ଥ ସିଂହ ଓ ଶାଶୁ ଗିରିବାଳା ସିଂହଙ୍କୁ ଗିରଫ କରାଯାଇଛି । ସୋମବାର ସିବିଆଇ ଫୋରେନସିକ୍ ଓ କ୍ରାଇମ୍ ସିନ୍ ବିଶେଷଜ୍ଞଙ୍କୁ ନେଇ ସମର୍ଥ ସିଂହ ଓ ଗିରିବାଳା ସିଂହଙ୍କ ସହିତ ୧୨ ତାରିଖ ରାତିରେ କ'ଣ ଘଟଣା ଘଟିଥିଲା ସେହି ଦୃଶ୍ୟ ପୁନଃ ସ୍ଥାପନ କରିଥିଲେ । ଦ୍ୱିଷା ଘରର ଟେରାସରେ ଆତ୍ମହତ୍ୟା କରିବା ପରର ଘଟଣା ବର୍ଣ୍ଣନା କରିବାକୁ ସିବିଆଇ ମାଁ ଓ ପୁଅଙ୍କୁ କହିଥିଲା । ମୃତକଙ୍କ ସମାନ ଓଜନର ଏକ ଡମିକୁ ଏଥିପାଇଁ ବ୍ୟବହାର କରାଯାଇଥିଲା । କେମିତି ମୃତଦେହ ତଳକୁ ଆଣିଥିଲେ ତାହାର ସବିଶେଷ ବିବରଣୀ ସିବିଆଇ ନେଇଥିଲା । ମେ ୧୨ ତାରିଖ ରାତି ୧୦ଟା ୨୦ରେ ଦ୍ୱିଷା ଆତ୍ମହତ୍ୟା କରିବା ପରେ ସମର୍ଥ ତାଙ୍କୁ ଭୋପାଳ ଏମ୍ସ ନେଇଥିବା ଏବଲାରେ ଉଲ୍ଲେଖ କରାଯାଇଛି । ଏମ୍ସ ଡାକ୍ତର ମେ ୧୩ ରାତି ୧୨ଟା ୫ ମିନିଟରେ ପୁଲିସକୁ ସୂଚନା ଦେଇଥିଲେ ଓ ଦ୍ୱିଷାଙ୍କୁ ଏମ୍ସକୁ ଅଣାଯିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା କହିଥିଲେ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଗୋପାଳଙ୍କୁ ଆକ୍ଷେଇବା ଘଟଣା ବିଜେଡି ପ୍ରତିନିଧି ଦଳଙ୍କ ପୀଡିତଙ୍କ ଗାଁ ଓ ଚନ୍ଦାହାଣ୍ଡି ଥାନା ଗସ୍ତ

ଚନ୍ଦାହାଣ୍ଡି, ୦୧/୦୬ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଂଚଳରେ ଗତ ୨୧ ତାରିଖ ଦିନ ଲୋଧିଆପଡ଼ା ଠାରେ ରାଇଘର ଅଂଚଳର କିଛି ଗୋପାଳ ସମ୍ପ୍ରଦାୟର ଗୋପାଳ ଓ ଆଦିବାସୀ ତଥା ଦଳିତ ବାର୍ଗୀୟ ଚାଷୀ ନିଜ ବଳଦକୁ ନିଜ ଗାଁକୁ ନେଇଁ ଯାଉଥିବା ସମୟରେ ନିରୀହ ଚାଷୀଙ୍କ ଉପରେ ଗୋରକ୍ଷା ନାରେ ତଥାକଥିତ ବଜରଙ୍ଗ ଦଳର ସଭ୍ୟ ବୋଲାଉଥିବା ଗେରୁଆ ଗୁଣ୍ଡା ମାନେ ଅକଥନିଅ ଅତ୍ୟାଚାର ପ୍ରସଙ୍ଗ ଥମିବାର ନାଁ ନେଉ ନାହିଁ । ଏହାକ୍ରମଣଃ ବ୍ଲକ, ଜିଲ୍ଲା ଏବଂ ବର୍ତ୍ତମାନ ରାଜ୍ୟ ପ୍ରସଙ୍ଗ ପାଲଟି ଥିବାବେଳେ ଆଜକୁ ଦଶ ଦିନ ହେବ ପୋଲିସର ନିଷ୍କ୍ରିୟତା ପ୍ରସଙ୍ଗକୁ ଆହୁରି ଜଟିଳ ଅଡ଼କୁ ଟାଣି ନେଉଛି । ଏହି କ୍ରମରେ ଆଜି ବିଜେଡିର ଏକ ପ୍ରତିନିଧି ଦଳ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଅଧକ୍ଷତାରେ ରାଇଘର ବ୍ଲକ ସ୍ଥିତ ପୀଡିତଙ୍କ ହଳଦୀ ଗ୍ରାମ ଗସ୍ତ କରି ସବିଶେଷ ତଥ୍ୟ ଅନୁଧ୍ୟାନ କରିଛନ୍ତି । ପ୍ରତିନିଧି ଦଳର ସଦସ୍ୟ ମାନଙ୍କ କହିବା ଅନୁସାରେ ଘଟଣା ଅତ୍ୟନ୍ତ ବର୍ବରଚିତ ହୋଇଥିବା ବେଳେ ଏହି କାଣ୍ଡ ଭିଆଇ ଥିବା ଅସାମାଜିକ ଯୁବକ ମାନେ ମାନବିକତାର ଶେଷ ସୀମା ଟପି ଯାଇଛନ୍ତି । ଗୋପାଳ ସମ୍ପ୍ରଦାୟର କୌଳିକ ବୃତି ଗାଈ ଚରେଇବା, ଗୋ ପାଳନ କରିବା ହୋଇଥିବା ବେଳେ ଗୋରକ୍ଷା ନାରେ ଗୋପାଳଙ୍କୁ ଅକଥନିଅ ଅତ୍ୟାଚାର କରିବା ସହ ଆକ୍ଷେଇ ଆକ୍ଷେଇ ୪୫ଡିଗ୍ରୀ ଖରାରେ ଚଲେଇବା ସହ ତାଙ୍କ ଗୁହ୍ୟାଙ୍ଗରେ କଂଟା ଗେଞ୍ଜିବା ଆଦି ଅମାନୁଷିକ କାର୍ଯ୍ୟ ସଭ୍ୟ ସମାଜରେ କଦାପି ଗ୍ରହଣୀୟ ନୁହଁ । ଅନ୍ୟପକ୍ଷରେ ପୋଲିସ ଏନେଇ ସରକାରୀ ଦରଜ ଚାପରେ ହାତରେ ହାତ ବାନ୍ଧି ବସିବା ଆହୁରି ସମସ୍ତଙ୍କୁ ଚକିତ କରିଛି ବୋଲି ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି । ଏହା ପରେ ପ୍ରତିନିଧି ଦଳ ଚନ୍ଦାହାଣ୍ଡି ଥାନା ଗସ୍ତ କରି ଉମରକୋଟ ଏସଡ଼ିପିଓ ଶୁଭେନ୍ଦୁ ଶବରଙ୍କୁ କିଭଳି ଭାବରେ ଏଭଳି ଏକ ସ୍ପର୍ଶ କାତର ପ୍ରସଙ୍ଗକୁ ପୋଲିସ ଅବହେଳା ଦେବାକୁ ଉଦ୍ୟମ କରିବା ସହ ଉପଯୁକ୍ତ ଧାରା ନଲଗେଇ ଅଭିଯୁକ୍ତଙ୍କୁ ସୁରକ୍ଷା ଭଳି ଧାରା ଲଗେଇବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଥିଲେ । ଏଥି ସହ ଆଗାମି ଏକ ସପ୍ତାହ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନଗଲେ ବିଜୁ ଜନତା ଦଳ ତରଫରୁ ଏକ ବିରାଟ ପ୍ରତିବାଦ ଶୋଭାଯାତ୍ରା ପୂର୍ବକ ଚନ୍ଦାହାଣ୍ଡି ଥାନା ଘେରାଉ କରାଯିବ ବୋଲି କମିଟିର ଅଧ୍ୟକ୍ଷ ମନୋହର ରନ୍ଧାରୀ ଚେତାବନୀ ଦେଇଛନ୍ତି । ପୂର୍ବତନ ସାଂସଦ ରମେଶ ମାଝୀ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ନବରଙ୍ଗପୁର ଭଳି ଶାନ୍ତି ପ୍ରିୟ ଜିଲ୍ଲାରେ ଏଭଳି ଘଟଣା କେବେ ଘଟି ନଥିବାବେଳେ ବିଜେପି ସରକାରକୁ ଅସିବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଥିବା ଅଭିଯୋଗ କରିବା ସହ ଘଟଣାର ମାଷ୍ଟର ମାଇଣ୍ଡ ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ଏହି ପ୍ରତିନିଧି ଦଳରେ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ମାଝୀ, ପ୍ରଦୀପ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତି ରାମ ନାୟକ, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ପ୍ରଧାନୀ, ସୁବାଷ ଗଣ୍ଡ, ନବୀନା ନାୟକ, ଜ୍ୟୋତିନ୍ଦ୍ର ନାଥ ଗଣ୍ଡ, ବାସୁଦେବ ଗୌଡ଼, ନୀଳମଣି ଗୌଡ଼,ରଞ୍ଜୁ ବାଘ ପ୍ରମୁଖ ଉପସ୍ଥିତ ଥିଲେ ।

ବେଆଇନ ମଦ ଦୋକାନରେ ଚଢ଼ାଉ ବିପୁଳ ପରିମାଣର ମଦ ଜବତ, ଦୁଇ ଅଭିଯୁକ୍ତ ଗିରଫ କୋର୍ଟ ଚାଲାଣ

ଧାମନଗର, ୦୧/୦୬ (ଆ.ପ୍ର) : ଧାମନଗର ପୋଲିସ ଏକ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା ଯେ' ବାଗିକପୁର ବଜାରର ଏକ ଦୋକାନରେ ଦୀର୍ଘଦିନ ଧରି ବେଆଇନ ଭାବେ ମଦ ମହଜୁଦ ରଖାଯାଇ ବିକ୍ରି କରାଯାଉଛି । ଧାମନଗର ଥାନା ଆଇଆଇସି ସୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏସ୍.ଆଇ ନାରାୟଣ ନାୟକଙ୍କ ନେତୃତ୍ୱରେ କନେଷ୍ଟବଳ ନୀଳମଣି ବିଶ୍ୱାସ ଓ ଶିବ ପ୍ରସାଦ ଦାସ ସବଳବଳେ ରବିବାର ସନ୍ଧ୍ୟାରେ ମଦ ଦୋକାନ ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଦୋକାନରୁ ୧୭ ପେଟି ବିଦେଶୀ ମଦ ଓ ୫୦ ପେଟି ଅଷ୍ଟା ଫର୍ଟି ସମେତ ମୋଟ ୨୬୮ ଲିଟର ଚୋରା ମଦ ଜବତ କରାଯାଇଥିଲା । ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଧୂଳିଗଡ଼ିଆ ଗ୍ରାମର ଉତମ ଜେନା ଏବଂ ଧାମନଗର ଥାନା ଅଧୀନ ମଞ୍ଜୁରୀଗଡ଼ିଆ ଅଂଚଳର ବଳରାମ ଜେନାଙ୍କୁ ଗିରଫ କରାଯାଇଥିଲା । ଧାମନଗର ଥାନାରେ କେଶ ନଂ ୨୪୦/୨୬ରେ ଏକ ମାମଲା ରୁଜୁ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ଏଏସଆଇ ନରେନ୍ଦ୍ର କୁମାର ରାଉତଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ଥାନା ଅଧିକାରୀ ସୁଭ୍ରଜିତ ଦାଶ ସୂଚନା ଦେଇଛନ୍ତି । ତେବେ ଅବକାରୀ ବିଭାଗ ଚୁପ୍ ବସିଥିବା ବେଳେ ଧାମନଗର ପୋଲିସର ଅଂଚଳରେ ବଢୁଥିବା ଚୋରା ମଦ କାରବାର ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣ ଲୋକେ ସ୍ୱାଗତ କରିବା ସହ ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରଖିବାକୁ ଦାବି କରାଯାଇଛି ।

ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୦୧/୦୬(ଆ.ପ୍ର): ଆଜି ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଖଣ୍ଡିୟ ବନ ଅଧିକାରୀ ଉଦୟନ ଯୁବୁଦ୍ଧି, ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଂଚି ନାରାୟଣ ତରାସ୍ୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ ଏବଂ ତତ୍‌କ୍ଷଣାତ୍ ସମାଧାନ ଦିଗରେ ପଦକ୍ଷେପ ନେଇଥିଲେ । ଶିବିରେ ମୋଟ ୨୮ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଏବଂ ୭ଟି ଗ୍ରାମ୍ୟ ଓ ସାମୂହିକ ସମସ୍ୟା ସମ୍ବନ୍ଧୀୟ ଥିଲା । ପ୍ରାପ୍ତ ଅଭିଯୋଗୁଡ଼ିକ ମଧ୍ୟରୁ ୫ଟିର ସମାଧାନ ଘଟଣାସ୍ଥଳରେ ହିଁ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାଧାନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଅଭିଯୋଗୁଡ଼ିକ ମୁଖ୍ୟତଃ ଚିକିତ୍ସା ସହାୟତା, ପାନୀୟ ଜଳ ଯୋଗାଣ, ରାସ୍ତା ମରାମତି, ଜମି ବିବାଦ, ନାଳ ମରାମତି, ଭତା ପ୍ରଦାନ ଏବଂ ବାସଗୃହ ସମ୍ବନ୍ଧୀୟ ଥିଲା । ଏହି ଅବସରରେ ଜିଲ୍ଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ହୋଇଥିବା ୬ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଜନସାଧାରଣଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରତିବଦ୍ଧ ବୋଲି ଜିଲ୍ଲାପାଳ କହିଛନ୍ତି ।

ଅସରାଏ ବର୍ଷାରେ ବେହାଲ ନୂଆହାଟ-ଶିଖର ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତା ପାଲଟିଛି ସେବା ସେତୁ, ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର

ନିମାପଡା, ୦୧/୦୬ (ଆ.ପ୍ର) : ସାମାନ୍ୟ ଅସରାଏ ବର୍ଷାରେ ରାଜ୍ୟ ସରକାର ଓ ଗ୍ରାମ୍ୟ ଜନ୍ନୟନ ବିଭାଗର ବିକାଶର ଅସଲ ଚେହେରା ପଦାରେ ପଡ଼ିଛି । ପୁରୀ ଜିଲ୍ଲା ଅନ୍ତର୍ଗତ ନୂଆହାଟ-ଶିଖର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି । ଦୀର୍ଘ ଦିନ ଧରି ମରାମତି ଅଭାବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ଏବେ ପରିତ୍ୟକ୍ତ ପୋଖରୀର ଭ୍ରମ ସୃଷ୍ଟି କରୁଛି । ସାମାନ୍ୟ ବର୍ଷା ପରେ ସାରା ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇ ପାଣି ଓ କାଦୁଅ ଜମି ରହିଛି, ଯାହାକି ଯାତାୟାତ କରୁଥିବା ପଥଚାରୀ ଏବଂ ଗାଡ଼ି ଚାଳକଙ୍କ ପାଇଁ ଏକ ପ୍ରକାର ମରଣଯନ୍ତା ପାଲଟିଛି ? ଏହି ରାସ୍ତାର ଶୋଚନୀୟ ଅବସ୍ଥା ପ୍ରତିବାଦରେ ଗତ କିଛି ଦିନ ତଳେ ସ୍ଥାନୀୟ ଉତ୍ୟକ୍ତ ଜନସାଧାରଣଙ୍କ ପକ୍ଷରୁ ନୟାହାଟ ଓ ନିମାପଡ଼ା ଅଂଚଳରେ ବ୍ୟାପକ ରାସ୍ତା ଅବରୋଧ କରାଯାଇଥିଲା । ସେହି ସମୟରେ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଂଚି ରାସ୍ତାର ତୁରନ୍ତ ମରାମତି ଏବଂ ପୁନରୁଦ୍ଧାର କରାଯିବ ବୋଲପ୍ରତିଶ୍ରୁତି ଦେଇ ଆନ୍ଦୋଳନ ପ୍ରତ୍ୟାହାର କରାଇଥିଲେ । ମାତ୍ର ଦୁଃଖର ବିଷୟ, ପ୍ରଶାସନ ପକ୍ଷରୁ ମିଳିଥିବା ସେହି ପ୍ରତିଶ୍ରୁତି କେବଳ କାଗଜପତ୍ରରେ ସୀମିତ ରହିଛି ଏବଂ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ ପଦକ୍ଷେପ ନିଆଯାଇ ନାହିଁ । ପ୍ରଶାସନର ଏଭଳି ବିଶ୍ୱାସଘାତକତାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ଦୈନନ୍ଦିନ ହଜାର ହଜାର ସ୍ଥାନୀୟ ବାସିନ୍ଦା, ସ୍କୁଲ-କଲେଜ ଛାତ୍ରଛାତ୍ରୀ ଏବଂ ରୋଗୀ ନିର୍ଭର କରିଥାନ୍ତି । ମାତ୍ର ବର୍ତ୍ତମାନ ସାରା ରାସ୍ତାରେ ଆଣ୍ଠୁଏ ଲେଖାଏଁ କାଦୁଅ ଏବଂ ପାଣି ଜମି ରହିଥିବାରୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଗାଡ଼ି ମୋଟର ତ ଦୂରର କଥା, ପାଦରେ ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ପ୍ରତିଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ଲୋକ ଆହତ ହେଉଥିବା ଅଭିଯୋଗ ହେଉଛି । ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଅଂଚଳବାସୀ ଓ ବୁଦ୍ଧିଜୀବୀମାନେ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଂଚାୟତିରାଜ ଓ ଗ୍ରାମ୍ୟ ଜନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ପୁରୀ ଜିଲ୍ଲାପାଳ ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବର୍ଷା ଦିନ ଆରମ୍ଭ ହେବା ପୂର୍ବରୁ ଯଦି ଏହି ରାସ୍ତାର ପୁନରୁଦ୍ଧାର କିମ୍ବା ପିଚୁ କାମ ତୁରନ୍ତ ଆରମ୍ଭ କରାନଯାଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦା ବାଧ୍ୟ ହୋଇ ପୁଣି ଥରେ ବୃହତ ଜନଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ମଣ୍ଡଳସ୍ତରୀୟ ମାଟ୍ରିକ୍ ମେଧା ସମ୍ବର୍ଦ୍ଧନା ସମାରୋହ

ଖୋର୍ଦ୍ଧା, ୦୧/୦୬ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ ସ୍ଥିତ ଶ୍ରୀ ଶ୍ରୀ ତୃତୀୟା ଦେବ ଶିକ୍ଷା ପରିଷଦ ଆନୁକୂଲ୍ୟରେ ସମ୍ପାଦକ ହରିହର ସାହୁଙ୍କ ଆବାହକତ୍ୱ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ବୋଲଗଡ ସ୍ଥିତ ଶ୍ରୀ ଶ୍ରୀ ତୃତୀୟା ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମାଟ୍ରିକ ସମ୍ବର୍ଦ୍ଧନା ଉତ୍ସବ, ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ରାଜ୍ୟ ଜନ ଶିକ୍ଷା ସାଧନ କେନ୍ଦ୍ର, ଭୁବନେଶ୍ୱରର ପ୍ରାକ୍ତନ ନିର୍ଦ୍ଦେଶକ ଭୁବନାନନ୍ଦ ତ୍ରିପାଠୀ ମୁଖ୍ୟ ଅତିଥି, ରାଜ୍ୟ ଲୋକତନ୍ତ୍ର ସେନାନୀ ସଂଘ, ଭୁବନେଶ୍ୱରର ସାଧାରଣ ସମ୍ପାଦକ ଶ୍ରୀଧର ଦାଶ, ବୋଲଗଡ ଶୈକ୍ଷିକ ଉନ୍ନୟନ ପରିଷଦର ଉପଦେଷ୍ଟା ପଦ୍ମଚରଣ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ନାୟକ, ବୋଲଗଡ ବେସରକାରୀ ବିଦ୍ୟାଳୟ ସଂଘର ସଭାପତି ଲଲାଟେନ୍ଦୁ କେଶରୀ ସିଂହ, ବୋଲଗଡ ଶୈକ୍ଷିକ ଉନ୍ନୟନ ପରିଷଦର ସଭାପତି ରବୀନ୍ଦ୍ର କୁମାର ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ନେତା ପ୍ରଫୁଲ୍ଲ ସିଂହ ସଂଯୋଜନା କରିଥିଲେ । ୨୦୨୬ ମାଟ୍ରିକ ପରୀକ୍ଷାରେ ୨୮ଟି ସରକାରୀ ଓ ୧ଟି ବେସରକାରୀ ବିଦ୍ୟାଳୟର ସମୁଦାୟ ୭ ଜଣ ଏ୧ ଗ୍ରେଡ୍ ଡିଗ୍ରୀଧାରୀ ଏବଂ ଅବଶିଷ୍ଟ ୨୩ ଜଣ ବିଦ୍ୟାଳୟ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନିକା, ଟ୍ରଫି, ଗୀତା ଓ ହନୁମାନ ଚାଳିଶା ପୁସ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସଭା ପରିଚାଳନା ସମୟରେ ସମସ୍ତ କୃତୀ ବିଦ୍ୟାର୍ଥୀଙ୍କର ଉଭୟ ପିତା, ମାତା, ପ୍ରଧାନ/ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ବୋଲଗଡ ଶୈକ୍ଷିକ ଉନ୍ନୟନ ପରିଷଦର ସଭ୍ୟ ସଭ୍ୟା ଓ ବୋଲଗଡ ଅଂଚଳର ନିମନ୍ତ୍ରିତ ଶିକ୍ଷାପ୍ରେମୀ ଉପସ୍ଥିତ ଥିଲେ । ସ୍ୱାଧୀନତା ସଂଗ୍ରାମୀ ଦୁର୍ଗାଚରଣ ସେନାପତି ସ୍ମୃତି ସଂସଦର ସମ୍ପାଦିକା ଉଷାରାଣୀ ସେନାପତି, ବୋଲଗଡ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ଶ୍ରୀବତ୍ସ ଷଡ଼ଙ୍ଗୀ ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

ଆମପାଣି ବୁଢ଼ାରଜା ଦେବଙ୍କ ମୁଖ୍ୟ ପୁଝାରୀଙ୍କ ମାତୃ ବିୟୋଗ

କେନ୍ଦ୍ରାପଡା, ୦୧/୦୬ (ଆ.ପ୍ର) : କଳାହାଣ୍ଡିର ଆରାଧ୍ୟ ଦେବତା ଆମପାଣିର ବୁଢ଼ାରଜା ଦେବଙ୍କ ମୁଖ୍ୟ ପୂଜକ ଫକୀର ମୋହନ ପୁଝାରୀଙ୍କ ମାତା ଜଁଆସୀ ପୁଝାରୀଙ୍କ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା । ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ରହିଥିଲେ । ଜଁଆସୀ ପୁଝାରୀ ଜଣେ ଧର୍ମପରାୟଣ ଓ ପରୋପକାରୀ ମଣିଷ ଥିଲେ । ତାଙ୍କର ବିୟୋଗରେ ଆମପାଣି ସମେତ ସ୍ଥାନୀୟ ଅଂଚଳର ଶୋକରଛାୟ ଖେଳି ଯାଇଛି । ତାଙ୍କର ଶେଷ ଦର୍ଶନ ନିମନ୍ତେ ଅଂଚଳ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ଶବଯାତ୍ରାରେ ସାମିଲ ହୋଇଥିଲେ । ବଡ ପୁଅ ଫକୀର ମୋହନ ପୁଝାରୀ ମୁଖାଗ୍ନି ହେଇଥିବା ବେଳେ ପରିବାରର ସମସ୍ତ ସଦସ୍ୟ ଓ ବନ୍ଧୁ ବାନ୍ଧବମାନେ ଉପସ୍ଥିତ ରହିଥିଲେ ।

ଅସ୍ତରଙ୍ଗରୁ ଜଗନ୍ନାଥ ଧାମ ପୁରୀକୁ ଗଡ଼ିଲା ଆମ ବସ୍

ଅସ୍ତରଙ୍ଗ, ୦୧/୦୬ (ଆ.ପ୍ର) : ଅସ୍ତରଙ୍ଗରୁ ଜଗନ୍ନାଥ ଧାମ ପୁରୀକୁ ଗଡ଼ିଲା ୨ଟି ଆମ ବସ୍ । ଏହି ଅବସରରେ ଆଜି ଅସ୍ତରଙ୍ଗରେ ସରପଂଚ ରାମଚନ୍ଦ୍ର କାଣ୍ଡି ଓ ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ ଫିତା କାଟିବାପରେ ଏକ ବସ୍ ପୁରୀ ଅଭିମୁଖେ ବାହାରି ଥିଲା । ଅସ୍ତରଙ୍ଗରୁ ଗୋଟିଏ ବସ୍ ବାହାରିବା ବେଳେ ସେପଟେ ପୁରୀରୁ ଅନ୍ୟ ଏକ ବସ୍ ବାହାରି ନିର୍ଦ୍ଧାରିତ ସମୟରେ ଅସ୍ତରଙ୍ଗରେ ପହଂଚିବ ବୋଲି ସୂଚନା ମିଳିଛି । ଏଥିଯୋଗୁ ଅସ୍ତରଙ୍ଗ ଉପକୂଳବାସୀ ସହଜ ଓ ସୁବିଧାରେ ପୁରୀକୁ ଯାତାୟାତ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି ସାଧାରଣ ଲୋକଙ୍କ ମତ ରହିଛି । ଓଡ଼ିଶା ସରକାରଙ୍କ ଏହି ଯାତ୍ରୀବାହୀ ବସ ସେବା ଅସ୍ତରଙ୍ଗରେ ଉପଲବ୍ଧ ହେବାରୁ ଯାତ୍ରୀ ଖୁସି ଅଛନ୍ତି । ବହୁ ପ୍ରତୀକ୍ଷା ପରେ ବିଜେପି ନେତା ବାଇଧର ମଲ୍ଲିକଙ୍କ ଉଦ୍ୟମରେ ପୁରୀର ମର୍ଲି ପ୍ରପୋଜ୍ ଚାରିଟେବୁଲ୍ ଟ୍ରଷ୍ଟର ସହଯୋଗ ଓ ରାଜ୍ୟ ସରକାରଙ୍କ ଶୁଭଦୃଷ୍ଟି ଯୋଗୁ ପୁରୀ ଧାମକୁ ସରକାରୀ ବସ୍ ଚଳାଚଳ ହେବାନେଇ ସାଂସଦଙ୍କ ପ୍ରତିନିଧି ଶ୍ରୀ ଦିବାକର ଛାଟୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ନୂଆପଡାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି: ୮୨ଟି ଅଭିଯୋଗର ଶୁଣାଣି, ଜନସମସ୍ୟାର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ

ନୂଆପଡ଼ା, ୦୧/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ସଦ୍‌ଭାବନା ସଭାଗୃହରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ମୋଟ ୮୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସେଥିମଧ୍ୟରୁ ୭୩ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା । ଶିବିରରେ ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗର ଗୁରୁତ୍ୱ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗତ ଅଭିଯୋଗ ଶୁଣାଣିରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ଫଇସଲା ସ୍ଥିତି ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଥିଲେ ଏବଂ ଅବଶିଷ୍ଟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କୁ ଭତା ବଂଟନ କରାଯାଇଥିଲା । ସେହିପରି ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁଏରବାହି ଗ୍ରାମ ପଂଚାୟତର ମିତ୍ରଭାନୁ ରାଉତ, ଟାନୱଟ ଗ୍ରାମ ପଂଚାୟତର ଅନ୍ତରାମ ଶବର ଏବଂ ଆମାନରା ଗ୍ରାମ ପଂଚାୟତର ଚେନ ସିଂ ବରିହଙ୍କୁ "ସ୍ୱଚ୍ଛତା ଦୂତ ସମ୍ମାନ" ପ୍ରଦାନ କରାଯାଇଥିଲା । ଶିବିର ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିବା ବେଳେ ଟାନୱଟ ଠାରେ ପଶୁ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଜନ ଶୁଣାଣୀ ଅବସରରେ ଜିଲ୍ଲାପାଳ ସମସ୍ତ ବିଡିଓମାନଙ୍କୁ ପେନସନ ବଂଟନର ସ୍ଥିତି ନିୟମିତ ସମୀକ୍ଷା କରି ଯୋଗ୍ୟ ହିତାଧିକାରୀମାନେ ଯେପରି ଠିକ୍ ସମୟରେ ସୁବିଧା ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ସେହିପରି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ଅନଧିକୃତ ଧାନ ମହଜୁଦ ସମ୍ପର୍କରେ ଯାଂଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଶିକ୍ଷା କ୍ଷେତ୍ରରେ ଡ୍ରପଆଉଟ ସମସ୍ୟାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆର୍ଥିକ କାରଣରୁ ପାଠପଢ଼ା ଛାଡ଼ିଥିବା ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ସର୍ଭେ କରିବା ସହ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମସଭା ମାଧ୍ୟମରେ ସଚେତନତା ଓ ସମାଧାନମୂଳକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର କୁମାର ସାହୁ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ. ମାଧବୀଲତା, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଆଜିଜ ଖାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ନୂଆପଡ଼ା ପଂଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି ଜିଲ୍ଲାପାଳ ଶେଖ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିବା ବେଳେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ରାଜସ୍ୱ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ବଜ୍ରପାତରେ ଚାଷୀ ଆହତ, ବଳଦ ମୃତ

ଖଣ୍ଡପଡ଼ା,୦୧/୦୬ (ଆ.ପ୍ର) : ଖଣ୍ଡପଡ଼ା ଓ ଏହାର ଆଖପାଖ ଅଂଚଳରେ ସୋମବାର ଅପରାହ୍ନରେ ହଠାତ ଘଡଘଡି ସହ ପବନ ଓ ବର୍ଷା ଅନୁଷ୍ଠିତ ହୋଇଥିଲା । ବଜ୍ରପାତର ପ୍ରଭାବରେ ଖଣ୍ଡପଡ଼ା ବ୍ଲକର ଶିଖରପୁର ପଂଚାୟତ ଅଧୀନ ବରପଲ୍ଲୀ ଗ୍ରାମର ଚାଷୀ ସୁରେନ୍ଦ୍ର ସାହୁ (୪୫) ଗୁରୁତର ଆହତ ହୋଇଥିବା ବେଳେ ଗୁହାଳ ଘରେ ବନ୍ଧା ହୋଇଥିବା ଏକ ବଳଦର ମୃତ୍ୟୁ ହୋଇଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡ଼ିଛି । ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ବର୍ଷା ଓ ପବନ ଚାଲିଥିବା ବେଳେ ଏକ ନଡ଼ିଆ ଗଛ ଉପରେ ହଠାତ ବଜ୍ରପାତ ହେବାରୁ ଗଛଟି ଜଳି ଯାଇଥିଲା । ସେହି ସମୟରେ ସୁରେନ୍ଦ୍ର ଗୁହାଳ ଘରେ ଥିବାରୁ ବଜ୍ରପାତର ଶିକାର ହୋଇ ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଗୁହାଳରେ ବନ୍ଧା ହୋଇଥିବା ୨ଟି ବଳଦ ମଧ୍ୟରୁ ଗୋଟିଏ ବଳଦର ମୃତ୍ୟୁ ହୋଇଥିବା ଜଣାପଡିଛି । ଗୁରୁତର ଆହତ ସୁରେନ୍ଦ୍ରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ପଠାଯାଇଥିବା ବେଳେ ସେଠାରେ ସେ ଏବେ ଚିକିତ୍ସିତ ହେଉଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି । ଖବରପାଇ ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ଗୁରୁତର ଆହତ ସୁରେନ୍ଦ୍ରଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବା ସହ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

AFFIDAVIT
(For Minor)

By virtue of an affidavit sworn before the Executive magistrate Dharamgarh, Dated-08. 04.2026, I UCHHABA BAG, S/O-RASIK BAG, AGED ABOUT 46 YEARS, Permanent resident of Village- TURIHALDI, P.O- GADIAJORE, P.S- DHARAMGARH, DIST-KALAHANDI, ODISHA, Pin, 766015, Aadhar No-5280 9817 8734 currently residing at village- TURIHALDI, PO- GADIAJORE, P.S- DHARAMGARH, DISTRICT-KALAHANDI, ODISHA, Pin- 766015 declare that I have changed the name of my son from DOLESWARI GOPAL to DOLESWAR BAG. Henceforth he shall be known as DOLESWAR BAG for all purposes.

s/d- Uchhaba Bag

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ-୨୦୨୬

ବାଲେଶ୍ୱର, ୦୧/୦୬ (ଆ.ପ୍ର) : ଚଳିତବର୍ଷ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱରର ସ୍ନାତକ କଳା, ବିଜ୍ଞାନ, ବାଣିଜ୍ୟ, ବିବିଏ, ବିସିଏ ଓ ବିଏସ୍‌ସି ଆଇଟିଏମ୍ ପରୀକ୍ଷାଫଳ ତା- ୩୧.୦୫.୨୦୨୬ ରିଖରେ ପ୍ରକାଶିତ ହୋଇଛି । ଏବର୍ଷ କଳା, ବିଜ୍ଞାନ, ବାଣିଜ୍ୟ, ବିବିଏ, ବିସିଏ ଓ ବିଏସ୍‌ସି ଆଇଟିଏମରେ ସମୁଦାୟ ୧୨୪୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୯୬୮ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଅନର୍ସ ଡିଷ୍ଟିଙ୍କସନ୍ ସହିତ ପ୍ରଥମ ଶ୍ରେଣୀରେ ୫୫୨ ଜଣ, କେବଳ ପ୍ରଥମ ଶ୍ରେଣୀରେ ୨୪୧ ଜଣ, ଅନର୍ସ ଡିଷ୍ଟିଙ୍କସନ୍ ସହିତ ଦ୍ୱିତୀୟ ଶ୍ରେଣୀରେ ୨୧ ଜଣ, କେବଳ ଦ୍ୱିତୀୟ ଶ୍ରେଣୀରେ ୧୫୪ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଥିବା ବେଳେ ସମୁଦାୟ ଛାତ୍ରଛାତ୍ରୀଙ୍କ ପାସ୍ ହାର ଶତକଡ଼ା ୭୮% ରହିଛି । ସେହିପରି କଳା ବିଭାଗରେ ପାସ୍ ହାର ୭୯.୯% ହୋଇଥିବା ବେଳେ ବିଜ୍ଞାନ ବିଭାଗରେ ପାସ୍ ହାର ୭୭.୭% ଓ ବାଣିଜ୍ୟ ବିଭାଗରେ ପାସ୍ ହାର ୭୮.୧% ହୋଇଛି । ବିଏସ୍‌ସି ଆଇଟିଏମ୍ ବିଭାଗର ଛାତ୍ରୀ ଅଙ୍କିତା ନାୟକ ଶ୍ରେଷ୍ଠ ସ୍ନାତକ ଭାବରେ ବିବେଚିତ ହୋଇଛନ୍ତି । ସୂଚନା ଥାଉକି ଅର୍ଥନୀତି ବିଭାଗରେ ଆରତୀ ବୁଗୁଡ଼ାଇ, ଶିକ୍ଷା ବିଭାଗରେ ଜଗନ୍ନାଥ ପ୍ରଧାନ, ଇଂରାଜୀ ବିଭାଗରେ ଏମ୍. ପ୍ରାଂଶୁ ତନୟା, ଇତିହାସ ବିଭାଗରେ ପ୍ରତିଭା ନନ୍ଦ, ଓଡ଼ିଆ ବିଭାଗରେ ସବିତା ସେଠୀ, ଦର୍ଶନ ବିଭାଗରେ ଆଲୋକ ପରିଡ଼ା, ସଂସ୍କୃତରେ ଅନୁସୟା ଧଳ, ରାଜନୀତି ବିଜ୍ଞାନ ବିଭାଗରେ ଗୌରୀ ଭଦ୍ର, ହିନ୍ଦୀ ବିଭାଗରେ ଦିବ୍ୟଦର୍ଶନ ବିଶ୍ୱାଳ, ମନସ୍ତତ୍ୱ ବିଭାଗରେ ବନ୍ଦିତା ସ, ସମାଜତତ୍ୱ ବିଭାଗରେ ସସ୍ମିତା ବାରିକ, ଉର୍ଦ୍ଦୁ ବିଭାଗରେ ମହସେନିନ୍ ଫିର୍ଦ୍ଦୋସି, ନୃତତ୍ୱ ବିଭାଗରେ ଯାଜ୍ଞସେନୀ ଦାସ ଏବଂ ଭୂଗୋଳ ବିଭାଗରେ ଶୁଭଶ୍ରୀ ବେହେରା, ଆଇଆରପିଏମ୍ ବିଭାଗରେ ସାନା ସାନୋବେର ସ୍ନାତକ କଳା ଅନ୍ତର୍ଗତ ଉପଯୁକ୍ତ ବିଭିନ୍ନ ବିଷୟକ ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ଉଦ୍ଭିଦ ବିଜ୍ଞାନରେ ସ୍ୱାଗତିକା ପଣ୍ଡା, ରସାୟନ ବିଜ୍ଞାନରେ ସ୍ମୃତିରଞ୍ଜନ ଦାସ, କମ୍ପ୍ୟୁଟର ବିଜ୍ଞାନରେ ଅଭିଜିତ୍ ନନ୍ଦୀ, ଗଣିତରେ ଅବିନାଶ ସାହୁ, ପଦାର୍ଥ ବିଜ୍ଞାନରେ ଶୁଭସ୍ମିତା ପ୍ରଧାନ, ପ୍ରାଣୀ ବିଜ୍ଞାନରେ ରୁଦ୍ର ନାରାୟଣ ସେନାପତି ଏବଂ ଭୂତତ୍ୱ ବିଜ୍ଞାନରେ ତୁଷାର ରଞ୍ଜନ ବେହେରା ସ୍ନାତକ ବିଜ୍ଞାନ ଅନ୍ତର୍ଗତ ଉପଯୁକ୍ତ ବିଷୟକ ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଛନ୍ତି । ସେହିପରି ସ୍ନାତକ ବାଣିଜ୍ୟ ଅନର୍ସ ପରୀକ୍ଷାରେ ଅମରେଶ ପାତ୍ର ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ବିବିଏ ବିଭାଗରେ ଅମ୍ବିକା ଭୋଳ, ବିସିଏ ବିଭାଗରେ ବିଶାଳ ଦାସ ଏବଂ ବିଏସ୍‌ସି ଆଇଟିଏମ୍‌ରେ ଅଙ୍କିତା ନାୟକ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି କୃତକାର୍ଯ୍ୟ ହୋଇଛନ୍ତି । ଇଂଟିଗ୍ରେଟେଡ୍ ବିଏଡ୍ କଳା ଓ ବିଜ୍ଞାନ ପରୀକ୍ଷାଫଳ ମଧ୍ୟ ପ୍ରକାଶିତ ହୋଇଛି । ଏବର୍ଷ କଳା ଓ ବିଜ୍ଞାନରେ ସମୁଦାୟ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୯୦ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ପାସ୍ ହାର ଶତକଡ଼ା ୯୦.୯% । ସ୍ନାତକ କଳା ଭାଷା ବିଭାଗ ଅନ୍ତର୍ଗତ ଅନର୍ସ ପରୀକ୍ଷାରେ ଇଂରାଜୀ ବିଭାଗର ଅଭିପ୍ସା ଦାସ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଥିବା ବେଳେ ସାମାଜିକ ବିଜ୍ଞାନ ଅନ୍ତର୍ଗତ ଭୂଗୋଳ ବିଭାଗର ପ୍ରତୀକ୍ଷା ଦାସ ଏବଂ ଜୈବିକ ବିଜ୍ଞାନ ଅନ୍ତର୍ଗତ ପ୍ରାଣୀ ବିଜ୍ଞାନ ବିଭାଗର ଦୀପ୍ତିମୟୀ ଦାଶ ଏବଂ ଭୌତିକ ବିଜ୍ଞାନ ଅନ୍ତର୍ଗତ ପଦାର୍ଥ ବିଜ୍ଞାନ ବିଭାଗର ଏଏମ୍ ମୁକ୍ତି ମୁସ୍କାନ ମଣ୍ଡଳ ପ୍ରଥମ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ଚାଳକ ଦିବସ ଅବସରରେ ସୋମନାଥପୁରସ୍ଥିତ ସିଆଇଟିୟୁ ଅଫିସରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୦୧/୦୬ (ଆ.ପ୍ର) : ଆଜି ହେଉଛି ଜାତୀୟ ଚାଳକ ଦିବସ । ଏହି ଅବସରରେ ଏଠାରୁ ମାତ୍ର ୩ କିମି ଦୂର, ସୋମନାଥପୁର ସ୍ଥିତ ସିଆଇଟିୟୁ ୟୁନିଅନ ଅଫିସରେ ପ୍ରଥମେ ଟ୍ୟାଙ୍କ୍ ଲ୍ୟାରୀ ୱାର୍କର୍ସ ୟୁନିଅନ୍‌ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଲାଲ ପତାକା ଉତୋଳନ କରିଥିଲେ । ତାପରେ କାର୍ଯ୍ୟାଳୟରେ ଚାଳକ ଦିବସ ଉପରେ ଆଲୋଚନା କରାଯାଇଥିଲା । ଦେଶର ଚାଳକ ମାନେ ହେଉଛନ୍ତି ବିଶ୍ୱକର୍ମା । ଚାଳକ ମାନେ ଗାଡି ନ ଚଳାଇଲେ ଦେଶ ଚାଲିବ ନାହିଁ । କିନ୍ତୁ ସରକାର ସେମାନଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କରୁ ନାହାଁନ୍ତି କି ସେମାନେ କିଭଳି ଭାବେ ଭବିଷ୍ୟତ ରେ ଶାନ୍ତି ରେ ରହିବେ ସେଥି ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି । ବର୍ତମାନ ଡବଲ ଇଞ୍ଜିନ ସରକାର ଶ୍ରମିକ ବିରୋଧି ହେତୁ ଡ୍ରାଇଭରଙ୍କ ଉନ୍ନତି ହେଉ ନାହିଁ । ଆଗାମୀ ଦିନରେ ନିଜର ହକ୍ ପାଇଁ ଏକଜୁଟ ହୋଇ ଲଢେଇ କରିବା ପାଇଁ ଶପଥ ନେବାପାଇଁ ଶ୍ରୀ ପାତ୍ର ଡ୍ରାଇଭର ମାନଙ୍କୁ ଉଦବୋଧନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସେକ୍ ମୋବାରକ, ଗୌରାଙ୍ଗ ଖିଲାର, ନିତ୍ୟାନନ୍ଦ ମଲ୍ଲିକ, ସେକ୍ ଜାନୁ, ଶମ୍ଭୁନାଥ ନାୟକଙ୍କ ସମେତ ଙ୍ଗର ବହୁ ସାଥୀ ଉପସ୍ଥିତ ଥିଲେ ।

ଗ୍ରାମବାସୀଙ୍କ ଦ୍ୱାରା ଓସିଏସ ପରୀକ୍ଷାରେ ସଫଳତା ଗ୍ରାମର ଝିଅ ଶୁଭଲକ୍ଷ୍ମୀଙ୍କୁ ସମ୍ବର୍ଦ୍ଧନା

ନିମାପଡା, ୦୧/୦୬ (ଆ.ପ୍ର) : ଚଳିତ ଓଡିଶା ପ୍ରଶାସନିକ ସେବା (ଓସିଏସ)ପରୀକ୍ଷାରେ ୩୪ନମ୍ବର ର୍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଥିବା ନିମାପଡା ବ୍ଲକ ଅନ୍ତର୍ଗତ କଳାପାଂଚଣ ପଂଚାୟତ ଗଡ ଇଟାପୋଖରୀ ଗ୍ରାମର ସର୍ବେଶ୍ୱର ପାତ୍ରଙ୍କ ଝିଅ ଶୁଭଲକ୍ଷ୍ମୀ ପାତ୍ରଙ୍କୁ ଆଜି ଗ୍ରାମର ଲୋକମାନେ ସମ୍ବର୍ଦ୍ଧିତ କରିଛନ୍ତି । ଆଜି ଅପରାହ୍ନରେ ଶୁଭଲକ୍ଷ୍ମୀଙ୍କୁ ଗ୍ରାମର ଲୋକମାନେ ଏକ ବିରାଟ ଶୋଭାଯାତ୍ରାରେ ଚାରିଛକ ବଜାର ପରିକ୍ରମା କରାଇବା ସହିତ ଚାରିଛକ ବଜାର ଓ ତାଙ୍କ ଗ୍ରାମ ମୁଣ୍ଡରେ ଥିବା ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ପରେ ନିଜ ଗ୍ରାମ ପରିକ୍ରମା କରିବା ସହ ଗୁରୁଜନମାନଙ୍କ ଠାରୁ ଆର୍ଶିବାଦ ଭିକ୍ଷା କରିଥିଲେ । ସଂନ୍ଧ୍ୟାରେ ଗୋପବନ୍ଧୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ

କରାଯାଇଥିଲ । ଟ୍ରଷ୍ଟର ସଭାପତି ଅର୍ଜୁନ ପାତ୍ରଙ୍କ ଦ୍ୱାରା ଆୟୋଜିତ ସଭାରେ ଆଇନଜୀବୀ ପ୍ରବୋଧ କୁମାର ପରିଡା ସଭାପତିତ୍ୱ କରିଥିଲେ । ଉକ୍ତ ସଭାରେ ଅତିଥିଭାବେ ସ୍ଥାନୀୟ ସରପଂଚ ଗୀତାଜଂଳୀ ଜେନା, ସମିତିସଭ୍ୟା ସସ୍ମିତା ପାତ୍ର, ପୂର୍ବତନ ସରପଂଚ ଅଭିମନ୍ୟୁ ପଣ୍ଡା,ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, ଶିକ୍ଷାବିତ୍ ବସନ୍ତ କୁମାର ପାତ୍ର, ଜୟରାମ ପାତ୍ର, ଅର୍ନ୍ତଯ୍ୟାମୀ ସେନାପତି, ସର୍ବେଶ୍ୱର ପାତ୍ର, ବାବୁରାମ ପାତ୍ର,ସତ୍ୟନାରାୟଣ ପାତ୍ର,ସୁକାନ୍ତ ପାତ୍ର ପ୍ରମୁଖ ଯୋଗଦେଇ ଆମ ଗାଁର ସୁନା ଝିଅ ଶୁଭଲକ୍ଷ୍ମୀ ଚଳିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୪ନଂ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇ ଆମ ଗାଁ, ଆମ ଅଂଚଳ, ତଥା ରାଜ୍ୟ ପାଇଁ ସୁନାମ ଅଣିଥିବାରୁ ସମସ୍ତଙ୍କ ଧନ୍ୟବାଦର ପାତ୍ର ହୋଇଛନ୍ତି । ଏହି ଅବସରରେ ଗ୍ରାମର ପ୍ରାଣିଧନ ଚିକିତ୍ସକ ଡା. ରବିନ୍ଦ୍ର ନାଥ ମହାପାତ୍ର ତାଙ୍କ ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଦସ୍ୟ ବିଜୟ କୁମାର ପାତ୍ର ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ସଂପାଦକ ସୁବାସ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦ଗରର ମୁରବୀ ଓ ଗ୍ରାମର ଲୋକମାନେ ଯୋଗଦେଇଥିଲେ ।

ନୀଳଗିରି ମହିଳା ମହାବିଦ୍ୟାଳୟର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ

ନୀଳଗିରି, ୦୧/୦୬ (ଆ.ପ୍ର) : ନୀଳଗିରି ଏନଏସି ଅନ୍ତର୍ଗତ ନୀଳଗିରି ମହିଳା ଜୁନିୟର ମହାବିଦ୍ୟାଳୟ ର ଅବସର ନେଇ ଥିଲେ ଅଧ୍ୟକ୍ଷ କାର୍ତିକ ଚନ୍ଦ୍ର ସାହୁ । ସମ୍ବର୍ଦ୍ଧନା ସ୍ଥଳୀ ବେଶ ଭାବା ବେଗରେ ଗମ୍ଭୀର ହୋଇ ଯାଇଥିଲା ।ସାଧାରଣ ଚାଲିଚ୍ଛ, ସରଳ ଜୀବନ ଯାପନ କିନ୍ତୁ କଲେଜରେ ସେ ଥିଲେ ଜଣେ ମୁରବି ପରି, ଯେତେ ଯାହା ଅସୁବିଧା ଆସିଲେ ସମସ୍ତଙ୍କ ପାଖରେ ଖମ୍ବପରି ଛିଡା ହୋଇଥାନ୍ତି । ସେଥିପାଇଁ ସେ ଥିଲେ ଅତିପ୍ରିୟ କାର୍ତିକ ସାର । ତାଙ୍କର ଏହି ସଭାରେ କଲେଜର ପ୍ରତିଷ୍ଠାତା ଡଂ ଦୀପ୍ତିକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ସମ୍ମାନିତ ଅତିଥିଭାବେ କଲେଜର ପ୍ରତିଷ୍ଠାତା ସମ୍ପାଦକ ସଦାଶିବ ରଥ ଅନ୍ୟତମ ଅତିଥିଭାବେ ଅଧ୍ୟକ୍ଷା ମଞ୍ଜୁଲତା ପଣ୍ଡା,ଅଧ୍ୟାପିକା ରାଜଶ୍ରୀ ବେହେରା, ଅଧ୍ୟାପକ ହେମନ୍ତ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ, କଲେଜର ପ୍ରଗତିରେ ଅଧ୍ୟକ୍ଷ ଶ୍ରୀ ସାହୁ ଙ୍କର ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ । ଅଧ୍ୟାପକ ସଞ୍ଜୟ ପତି, ଅଞ୍ଜନ କୁମାର ଦାସ, ସରୋଜ କୁମାର ବାରିକ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରୀମାନେ ଉପସ୍ଥିତ ଥିଲେ । ଭାସ୍କର ଚନ୍ଦ୍ର ବିଶ୍ୱାଳ ମଂଚ ପରିଚାଳନା କରିଥିଲେ ।

ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଳିତ ହେଲା କବି ବ୍ରଜନାଥ ରଥଙ୍କର ଦ୍ୱାଦଶ ପୁଣ୍ୟତିଥି

ବାଲେଶ୍ୱର, ୦୧/୦୬ (ଆ.ପ୍ର) : ପ୍ରଥିତଯଶା କବି ତଥା ମାନବୀୟ ମୂଲ୍ୟବୋଧର ଅନନ୍ୟ ସ୍ରଷ୍ଟା କବି ଡକ୍ଟର ବ୍ରଜନାଥ ରଥଙ୍କର ଦ୍ୱାଦଶ ପୁଣ୍ୟତିଥି କବିତୀର୍ଥ ଶାନ୍ତି କାନନରେ ପାଳିତ ହୋଇଯାଇଛି । ବିଶିଷ୍ଟ କବି ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ କବି ରଥଙ୍କର କବିତା ମୋ ଭଳି ନୂଆ ଲେଖୁଥିବା ସେ ବେଳର କବିଙ୍କ ପାଇଁ ଥିଲା ଗୀତା ଭାଗବତ । ସେ ଆହୁରି କହିଲେ ଯେ କବି ବ୍ରଜନାଥ ସତରେ ଥିଲେ ଓଡ଼ିଆ ସାରସ୍ୱତ ଜଗତର ଏନସାଇକ୍ଲୋପେଡ଼ିଆ ବା ଶବ୍ଦକୋଷ । କାରଣ ଯେତେବେଳେ ଯେଉଁ ପୁସ୍ତକ, ପତ୍ରିକା ବା ଲେଖକଙ୍କ ସମ୍ପର୍କରେ କିଛି ତଥ୍ୟ ଆବଶ୍ୟକ ପଡେ କବି ରଥଙ୍କ ପାଖରୁ ସହଜରେ ଉପଲବ୍ଧ ହେଉଥିଲା । ସେ ଥିଲେ ମୋର ସାରସ୍ୱତ ସାଧନାର ଅନନ୍ୟ ପ୍ରେରଣା । ଏଥିରେ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ କବି ରଥଙ୍କର ପୁତ୍ରପ୍ରତିମ ସାରସ୍ୱତ ସାଧକ କବି ଡକ୍ଟର କାଳିକିଙ୍କର ଦାସ କବି ରଥଙ୍କର ଜୀବନ ସଂଗ୍ରାମ ଓ ସାରସ୍ୱତ ଯାତ୍ରା ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କଲେ । ସେ କହିଲେ ଯେ କବି ବ୍ରଜନାଥ ରଥ ଥିଲେ ମାନବୀୟ ମୂଲ୍ୟବୋଧ ଓ ମାନବବାଦର ସ୍ୱତନ୍ତ୍ର ସ୍ରଷ୍ଟା । ସଂସାରର ଦୁଃଖ, ଦୈନ୍ୟ, ଅନ୍ୟାୟ, ଅତ୍ୟାଚାରକୁ ତାଙ୍କ କବିତା ମାଧ୍ୟମରେ ପରିପ୍ରକାଶ କରି ସୁନ୍ଦର ସଂସାରର ସ୍ୱପ୍ନ ନିର୍ମାଣ କରୁଥିଲେ । ପରିଷଦର ସମ୍ପାଦକ ଡକ୍ଟର ରତ୍ନାକର ସିଂହ କବି ରଥଙ୍କର ସମସ୍ତ କୃତି ଓ ସମ୍ମାନ ସବୁର ବିଶେଷ ବିବରଣୀ ପ୍ରଦାନ କରିବା ସହ ସେ ଯେ ବ୍ୟାସକବି ଫକୀରମୋହନଙ୍କର ଯଥାର୍ଥ ଦାୟାଦ ବୋଲି ଉଲ୍ଲେଖ କରିଥିଲେ । ପରିଷଦର ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ର କବି ରଥଙ୍କ ସହିତ ତାଙ୍କର ସମ୍ପର୍କକୁ ଉପସ୍ଥାପନ କରି କହିଲେ ଯେ ବ୍ରଜବାବୁ ଆମ ସାରସ୍ୱତ ସଂସାରର ଯଥାର୍ଥ ମୁରବୀ ଥିଲେ । ମନୋଜ ଦାସ ଓ ବ୍ରଜନାଥ ରଥଙ୍କର ବନ୍ଧୁତ୍ୱକୁ ସ୍ମରଣ କରି ଡକ୍ଟର ପାତ୍ର କହିଲେ ଯେ ଜୀବନର ଯଥାର୍ଥ ଭଲପାଇବା ଓ ବନ୍ଧୁତ୍ୱର ମୂଲ୍ୟ ଏମାନଙ୍କ ସମ୍ପର୍କ ଦେଖିଲେ ବୁଝିହୁଏ । ପରିଷଦର ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଂଚ ଆହ୍ୱାନ କରିଥିଲା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦିକା ଶ୍ରୀମତୀ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଶରତ କର ଓ ନୀଳିମା କର ଫାଉଣ୍ଡେସନର ସଭାପତି ଶୋଭନ କର ସମେତ କବି ନାରାୟଣ ଦାଶ, କବି ବିମଳ ଜେନା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, କବି ହରିଶ୍ଚନ୍ଦ୍ର ବେହେରା, ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ ଆଦି ବହୁ କବି, ଲେଖକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ବ୍ରଜନାଥ ରଥଙ୍କ ପରିବାରରୁ ତାଙ୍କ କନ୍ୟା ମନସ୍ୱିନୀ, ଓଜସ୍ୱିନୀ, ଜ୍ୱାଇଁ ମୃତ୍ୟୁଞ୍ଜୟ, ପୁତ୍ର ବ୍ୟୋମନାଥ, ବିଧୁନାଥ, ବ୍ରହ୍ମନାଥ, ପୁତ୍ରବଧୂ ଅନିତା, ସୌଭାଗିନୀ, ଅର୍ଚ୍ଚନା, ନାତୁଣି ଆନନ୍ଦିତା, ନାତୁଣୀ ଜ୍ୱାଇଁ ଅନୁରାଗ ଓ ନାତି ବହ୍ନିମାନ ସମେତ ଅଧିକାଂଶ ସଦସ୍ୟ ଯୋଗ ଦେଇଥିଲେ ।

ବାଲି ବୋଝେଇ ହାଇୱା ଜବତ

ଖଣ୍ଡପଡ଼ା, ୦୧/୦୬ (ଆ.ପ୍ର) : ଖଣ୍ଡପଡ଼ା ଅଂଚଳ ଦେଇ ପ୍ରବାହିତ ମହାନଦୀର ବିଭିନ୍ନ ଘାଟରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଅଭିଯୋଗରେ ଖଣ୍ଡପଡ଼ା ପୁଲିସ ରବିବାର ରାତିରେ ଏକ ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ

କରିଥିବା ଜଣାଯାଇଛି । ପୁଲିସ ଗାଡିର କାଗଜପତ୍ର ଯାଂଚ କରିବା ସମୟରେ ବାଲି ଚାଲାଣ ନେଇ ଆନୁସଙ୍ଗିକ କାଗଜପତ୍ର ଠିକ ନଥିବା ଜଣା ପଡିଥିଲା । ଏ ସଂପର୍କରେ ଖଣ୍ଡପଡ଼ା ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି । ପ୍ରକାଶଥାଉକି ମହାନଦୀର ବିଭିନ୍ନ ଘାଟରୁ ବେଆଇନ ଭାବେ ଚୋରାରେ ବାଲି ଚାଲାଣ ଯୋଗୁଁ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଅଂଚଳବାସୀ ବାରମ୍ୱାର ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିବା ଜଣାପଡିଛି ।

କଂଗ୍ରେସର ତିନିଜଣ ଦିବଙ୍ଗତ ବରିଷ୍ଠ ନେତା ପାଇଁ ଶ୍ରଦ୍ଧାଞ୍ଜଳୀ ସଭା

ନୀଳଗିରି, ୦୧/୦୬ (ଆ.ପ୍ର) : ଆଜି ଅପରାହ୍ନ ପାଂଚ ଘଟିକାରେ ନୀଳଗିରି ସ୍ଥିତ କଂଗ୍ରେସ ଭବନ ପରିସରରେ, କଂଗ୍ରେସର ତିନିଜଣ ଦିବଙ୍ଗତ ବରିଷ୍ଠ ନେତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇ ଯାଇଛି । ସୂଚନାରୁ ଜଣାଯାଇଛି, ରାଜ୍ୟ କିଶାନ କଂଗ୍ରେସର ଉପ ସଭାପତି ଯଶୋଦା ନନ୍ଦନ ସିଂହଙ୍କ ଆବାହକତ୍ୱରେ କଂଗ୍ରେସ ଦଳର ବରିଷ୍ଠ ନେତା ଓ କର୍ମୀ କଂଗ୍ରେସ ଭବନ ପରିସରରେ ଏକଜୁଟ ହୋଇଥିଲେ । ଏଥି ନିମନ୍ତେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ ସଭାପତିତ୍ୱ କରିଥିଲେ । ଉକ୍ତ ସଭାରେ, ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା,ନୀଳଗିରି ନଗର କଂଗ୍ରେସ ସଭାପତି ଉପେନ୍ଦ୍ର ବେହେରା, ବର୍ଷୀୟାନ କଂଗ୍ରେସ ନେତା ସଦାଶିବ ରଥ, ଯଶୋଦା ନନ୍ଦନ ସିଂହ, ପ୍ରମୁଖ,ଦିବଙ୍ଗତ ସାରଥୀ ଦାସ, ଉମାକାନ୍ତ ଦାସ ଓ କାଳନ୍ଦୀ ସିଂଙ୍କ ବହୁମୁଖି ପ୍ରତିଭା ଓ ଦଳ ପ୍ରତି ନିଷ୍ଠା ସମ୍ପର୍କ ରେ ସ୍ମୃତି ଚାରଣ କରି ଥିଲେ । ଶୋକ ଓ ଶ୍ରଦ୍ଧାଞ୍ଜଳୀ ସଭାରେ ସ୍ୱର୍ଗତ ଆତ୍ମାଙ୍କର ସଦ ଗତି କାମନା କରିବା ସହିତ ତାଙ୍କର ନୀତି ଓ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇ ଥିଲେ । ଉକ୍ତ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ, ସୁରେନ୍ଦ୍ର ଦାସ, ରାସବିହାରୀ ମହାପାତ୍ର, ବିଜୟ କୁମାର ନାୟକ, ଚକ୍ରଧର ଦାସ, ପ୍ରସନ୍ନ ପାତ୍ର, ଅଦ୍ୱୈତ ନାୟକ,ଗଦାଧର ପରିଡା, ସୁରେଶ ବାରିକ, ବରିଷ୍ଠ ଆଇନ ଜିବୀ ବିଭୂପଦ ଆଇଚ, ସୁଦର୍ଶନ ବେହେରା,ଦୀପକ ବାଗ, ଉଜ୍ଜଳ ଦେବ ଗୋସ୍ୱାମୀ, ସୁଦର୍ଶନ ପାତ୍ର, କମଳା କାନ୍ତ ନାୟକ, ବିଦ୍ୟାଧର ମହାନ୍ତି ପ୍ରମୁଖ ଯୋଗ ଦେଇ ଥିଲେ ।

ବ୍ୟାସକବି ଫକୀରମୋହନ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ସଂପର୍କରେ ଅରୁଚିକର ମନ୍ତବ୍ୟ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାଲେଶ୍ୱର, ୦୧/୦୬ (ଆ.ପ୍ର) : ବାଲେଶ୍ୱର ସିଭିଲ୍ ସୋସାଇଟି ଆହ୍ୱାନରେ ସୋମବାର ଦିନ ପୂର୍ବାହ୍ନରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବହୁ ସାମାଜିକ, ସଂସ୍କୃତିକ ଓ ଗଣ ସଂଗଠନ ନେତୃତ୍ୱଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରରେ ବ୍ୟାସକବି ଫକୀରମୋହନ ସେନାପତି ଓ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବିରୁଦ୍ଧରେ ବିଜେପି ଯୁବମୋର୍ଚ୍ଚାର ନେତା ଅଭିଳାଷ ପଣ୍ଡା ଦେଇଥିବା ଅପମାନଜନକ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରାଯାଇଛି । ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଏହି ଦୁଇ ମହାପୁରୁଷଙ୍କ ତ୍ୟାଗ ଓ ଭୂମିକାକୁ ଶ୍ରୀ ପଣ୍ଡା ଅପମାନିତ କରିଛନ୍ତି ବୋଲି ସେମାନେ ଉଲ୍ଲେଖ କରିଛନ୍ତି । ଏ ଘଟଣା କେବଳ ବାଲେଶ୍ୱରବାସୀଙ୍କ ମଧ୍ୟରେ ନୁହେଁ ସମସ୍ତ ଓଡ଼ିଆ ଭାଷାଭାଷି ବ୍ୟକ୍ତିଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଛି । ତେଣୁ ଶ୍ରୀ ପଣ୍ଡାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମହାପୁରୁଷମାନଙ୍କ ପ୍ରତି ଯଥାର୍ଥ ସମ୍ମାନ ରକ୍ଷା କରିବାସହ ଓଡ଼ିଆ ଅସ୍ମିତାକୁ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ରରେ ନିବେଦନ କରାଯାଇଛି । ଅନ୍ୟଥା ଏହି ଘଟଣାକୁ ନେଇ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ସଂପାଦକ ମନୋଜ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାକାରୀ ଦଳ ଜିଲ୍ଲାପାଳଙ୍କ ଦପ୍ତରକୁ ଯାଇ ଏହି ସ୍ମାରକପତ୍ର ପ୍ରଦାନ କରିବା ପରେ ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରଦୀପ କୁମାର ଚାଟାର୍ଜୀ, ସୀତାଂଶୁ ସେନାପତି, ଦିଲ୍ଲୀପ କୁମାର ଗିରି, ଭାଗବତ ପ୍ରତିହାରୀ, ନିର୍ମଳ ନାୟକ, ନିରଞ୍ଜନ ପରିଡ଼ା, ମଳୟ ରାୟ, ଜ୍ୟୋତ୍ସ୍ନା ସେନାପତି, ଅରୁଣ ଜେନା, ରାଜେଶ ଗିରି, ଶରତ ଚନ୍ଦ୍ର ଦଳାଇ, ଶ୍ୟାମସୁନ୍ଦର ଜେନା, ସନ୍ତୋଷ ସାହୁ, କମଳାକାନ୍ତ ବେହେରା ଓ ପ୍ରମଥ ପ୍ରମାଣିକ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର ବରପୁତ୍ରମାନଙ୍କୁ ଅପମାନିତ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ପ୍ରେମରଞ୍ଜନ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ମହେନ୍ଦ୍ରଗିରିରେ ପବିତ୍ର ପୁରୁଷୋତମ ମେଳା ଆରମ୍ଭ

ପାରଳାଖେମୁଣ୍ଡି, ୦୧/୦୬ (ଆ.ପ୍ର) : ଗଜପତି ଜିଲ୍ଲାର ମହେନ୍ଦ୍ରଗିରିରେ ପବିତ୍ର ଜ୍ୟେଷ୍ଠ ପୁରୁଷୋତମ ମାସରେ ପୁରୁଷୋତମ ତଥା କୁମ୍ଭମେଳା ଆରମ୍ଭ ହୋଇଛି । ଜୁନ୍ ୧ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଯଜ୍ଞମେଳାରେ ପ୍ରଥମ ଦିନ କଳସ ଶୋଭାଯାତ୍ରା ହୋଇଥିଲା । ଯେଉଁଥିରେ ଗଜପତି, ଗଂଜାମ ଓ ପଡୋଶୀ ଆନ୍ଧ୍ରପ୍ରଦେଶରୁ ଭକ୍ତମାନେ ହଜାରହଜାର ମହିଳା ମାନେ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଆଗାମୀ ଦିନମାନଙ୍କର ବିଭିନ୍ନ ଯଜ୍ଞ ଓ ପୂଜାପାଠ ଚାଲିବ । ପର୍ଶୁରାମଙ୍କ ପୀଠ, ତଥା ପଂଚୁପାଣ୍ଡବଂଙ୍କ ବାସସ୍ଥଳୀ ଏବଂ ହନୁମାନଂଙ୍କ ପବିତ୍ର ପୀଠରେ ଭକ୍ତମାନେ ସ୍ୱତଃସ୍ଫୁର୍ତ ଭାବେ ଏଥିରେ ଯୋଗ ଦେବେ । ଏହାଛଡା ଭାରତର ବିଭିନ୍ନ ପ୍ରାନ୍ତରରୁ ମୂନୀ ଓ ଋଷି ମାନଂଙ୍କ ସମାଗମ ଏହି ଯଜ୍ଞମେଳାକୁ ଋଦ୍ଧିମନ୍ତ କରିବ । ଗଜପତି ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ।

ସେଇଠୁ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...
ପୁରାତନ ମତବାଦ

ପ୍ଲେଟୋ ହେଉଛନ୍ତି ଆଦର୍ଶବାଦ ର ଜନକ । ଆଦର୍ଶବାଦ ର ଅର୍ଥ ହେଲା 'ଆଦର୍ଶ' ବା 'ଧାରଣା' । ପ୍ରତ୍ୟେକ ମନୁଷ୍ୟ ଏକ ମାନସିକ ଶକ୍ତି ଧାରଣ କରିଥାଏ । ଏହି ମାନସିକ ଶକ୍ତି ତାର ସମସ୍ତ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରେ । ବିଶିଷ୍ଟ ଆଦର୍ଶବାଦ ପ୍ଲେଟୋ ଙ୍କ ମତରେ ମନୁଷ୍ୟ ମନ ଭିତରେ ଯାହା ରହିଛି ତାହା ହିଁ ଧାରଣା । ଏହି ଧାରଣା ଟି ଏତେ ସହଜରେ ଯେ କୌଣସି ପରିସ୍ଥିତି ରେ ପରିବର୍ତ୍ତନଶୀଳ ନୁହେଁ । ଧାରଣା ଟି ପ୍ରକୃତ, ବାସ୍ତବ ଏବଂ ଚିରନ୍ତନ । ମନେ କରାଯାଉ ଏକ ଶିକ୍ଷାର୍ଥୀ ମନରେ ଜଣେ ଶିକ୍ଷକ ଙ୍କ ପ୍ରତି ଏକ ଧାରଣା ଜାଗ୍ରତ ହେଲା ଯେ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ହେଉଛନ୍ତି ତାର ଆଦର୍ଶ ଏବଂ ସେ ହିଁ ଉତମ ଶିକ୍ଷକ । ଏହି ଧାରଣା ଟି ସୃଷ୍ଟି ହେବାର ଅର୍ଥ ହେଲା ଯେ ଶିକ୍ଷକ ଙ୍କର ଚାଲିଚଳନ, ଭାବଭଙ୍ଗୀ, କଥାବାର୍ତ୍ତା,ଶିକ୍ଷାଦାନ ଶୈଳୀ, ବେଶପୋଷାକ ରେ ଶିକ୍ଷାର୍ଥୀ ଟି ଅନୁପ୍ରାଣିତ । ଶିକ୍ଷାର୍ଥୀ ଟି ଯଦି ମାନସିକ ଭାବେ ନିଜ ଧାରଣାରେ ବିଶ୍ୱାସ କରେ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ହେଉଛନ୍ତି ତାର ଆଦର୍ଶ ଶିକ୍ଷକ, ସେ ଭଳି ପରିସ୍ଥିତି ରେ ଶିକ୍ଷକ ଙ୍କ ପ୍ରତ୍ୟେକ ଟି କାର୍ଯ୍ୟକୁ ସେ ଅତି ନିକଟରୁ ଅନୁସରଣ କରେ । ଆଦର୍ଶ ଶିକ୍ଷକ ଯେଉଁ ବିଷୟ ପଢ଼େଇବେ ସେ ବିଷୟ ଟି ଶିକ୍ଷାର୍ଥୀ ର ମନଲାଖି ବିଷୟ ହେବ ଏପରିକି ଶିକ୍ଷକ ଙ୍କ ବେଶପୋଷାକ, କଥାବାର୍ତ୍ତା ମଧ୍ୟ ଶିକ୍ଷାର୍ଥୀ ର ହୃଦୟକୁ ସ୍ପର୍ଶ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏହିପରି ହେବାର ମୂଳ କାରଣ ହେଉଛି ଶିକ୍ଷାର୍ଥୀ ର ଶିକ୍ଷକ ଙ୍କ ପ୍ରତି ଥିବା 'ଧାରଣା' । ଏଠାରେ 'ଉତମ' ହିଁ ଶିକ୍ଷାର୍ଥୀ ର ଧାରଣା । ସମୟ ଆସିପାରେ ହୁଏତ ଶିକ୍ଷକ ଙ୍କ ପାର୍ଥିବ ଶରୀର ନଥାଇ ପାରେ କିନ୍ତୁ ତାଙ୍କ ପାଇଁ ଶିକ୍ଷାର୍ଥୀ ମନ ରେ ଥିବା ଧାରଣା ଟି ର କେବେ ଅବକ୍ଷୟ ହୁଏ ନାହିଁ । ସେହିଭଳି ଦେଖିଲେ ଫୁଲର ବିଲୁପ୍ତ ଘଟିପାରେ କିନ୍ତୁ ତାର ସୌନ୍ଦର୍ଯ୍ୟ ର ନୁହେଁ କିମ୍ବା ବଂଶୀ ଟି କ୍ଷୟ ହୋଇପାରେ କିନ୍ତୁ ବଂଶୀର ମଧୁର ସ୍ୱର ର କେବେ ବି ଅବକ୍ଷୟ ହୋଇପାରେ ନାହ । ଆଦର୍ଶବାଦ ହେଉଛି ସର୍ବ ପୁରାତନ ମତବାଦ । ଆଦର୍ଶବାଦୀ ମାନଙ୍କ ମତରେ ମନୁଷ୍ୟର ଆଧ୍ୟାତ୍ମିକ ପ୍ରକୃତି ସର୍ବଶ୍ରେଷ୍ଠ ଅଟେ । ମନୁଷ୍ୟ ପାଖରେ ଈଶ୍ୱରୀୟ ଗୁଣମାନ ବିରାଜମାନ କରୁଥିବାରୁ ମନୁଷ୍ୟ ସର୍ବଦା ଚିରନ୍ତନ ସତ୍ୟ ଉପରେ ଗୁରୁତ୍ୱାରୋପ କରେ । ସେମାନେ ଚିନ୍ତା କରନ୍ତି ସତ୍ୟମ୍, ଶିବମ୍, ସୁନ୍ଦରମ୍ । ମିଛମାୟା ସଂସାର ରୁ ମୁକ୍ତି ପାଇବାକୁ ହେଲେ ଈଶ୍ୱର ଙ୍କ ମାର୍ଗ ଅନୁସରଣ କରିବା ବାଞ୍ଛନୀୟ । ବିଶ୍ୱନିୟନ୍ତା ଙ୍କ ସୃଷ୍ଟି ରେ ମନୁଷ୍ୟ ଅନ୍ୟ ସମସ୍ତ ପ୍ରାଣୀ ଙ୍କ ଠାରୁ ଭିନ୍ନ ହୋଇଥିବାରୁ ସମାଜରେ ତାର ସ୍ୱତନ୍ତ୍ରତା ରହିଅଛି । ଜୀବନ ରେ ବ୍ୟକ୍ତିତ୍ୱ ର ଉତଥାନ ହିଁ ଏହି ଦର୍ଶନ ର ମୂଳମନ୍ତ୍ର । ମାନସିକ କିମ୍ବା ଆଧ୍ୟାତ୍ମିକ, ଭୌତିକ ଠାରୁ ଅଧିକ ବାସ୍ତବତା ଅଟେ । ଉଦାହରଣ ସ୍ୱରୂପ ସବୁ ପିତଳ ବି ସୁନା ଭଳି ଚିକ୍ ଚିକ୍ କରେ ତାର ଅର୍ଥ ନୁହେଁ କି ପିତଳ ବି ସୁନା । ସବୁ ଚିକ୍ ଚିକ୍ ଦେଖା ଯାଉଥିବା ପାର୍ଥିବ ବସ୍ତୁ ସୁନା ନୁହେଁ । ଏଠି ଏକ ଧାରଣ ସୃଷ୍ଟି ହେବା ଦରକାର କି ପାର୍ଥିବ ଜିନିଷ ଟି ର ଅନ୍ତର୍ନିହିତ ଗୁଣ ଟି କଣ ? ଆଦର୍ଶବାଦ ସର୍ବଭୌମିକ ମନରେ ବିଶ୍ୱାସ ସୃଷ୍ଟି କରେ । ଆଦର୍ଶବାଦୀ ମାନଙ୍କ ମତରେ ସଂସାର ର ଏକମାତ୍ର ସତ୍ୟ ହେଉଛନ୍ତି ଈଶ୍ୱର, ମନୁଷ୍ୟ ଈଶ୍ୱର ଙ୍କ ସୃଷ୍ଟି, ମନୁଷ୍ୟ ଠାରେ ଈଶ୍ୱରୀୟ ଶକ୍ତି ଅଛି , ପାର୍ଥିବ ବସ୍ତୁ ଅପେକ୍ଷା ଆଦର୍ଶ ଓ ମୂଲ୍ୟବୋଧ କୁ ଗୁରୁତ୍ୱ, ଆତ୍ମଜ୍ଞାନ ହିଁ ପ୍ରକୃତ ଜୀବନ ଯାହା ସତ୍ୟ ଏବଂ ଚିରସ୍ଥାୟୀ ଅଟେ । ଏହି ମତ ଗୁଡ଼ିକୁ ଆଦର୍ଶବାଦ ର ମୌଳିକ ନୀତି ରୂପେ ଅଭିହିତ କରାଯାଏ । ଏହି ଶିକ୍ଷା ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କର ମାନସିକ, ଶାରୀରିକ,ତଥା ଆଧ୍ୟାତ୍ମିକ ବିକାଶ, ସର୍ବଜନୀନ ଶିକ୍ଷା, ସତ୍ୟ, ଶିବ ସୁନ୍ଦର ର ସନ୍ଧାନ, ଶାରୀରିକ ବିକାଶ, ସରଳ ଜୀବନ,ଉଚ୍ଚ ଭାବନା, ସୃଜନଶୀଳତା ର ବିକାଶ ଓ ନୈତିକତା ର ବିକାଶ କରିବା ପ୍ରଧାନ ଲକ୍ଷ୍ୟ ଅଟେ । ଆଦର୍ଶବାଦ ସବୁବେଳେ ସେହି ପାଠ୍ୟକ୍ରମ କୁ ଗୁରୁତ୍ୱ ଦେଇ ଆସିଛି ଯାହା କି ଏକ ବ୍ୟକ୍ତି କୁ ଅର୍ଥବୋଧକ ଜ୍ଞାନ ଓ ବିଜ୍ଞତା ଯୋଗାଇଥାଏ । ଅନେକ ମତବାଦ ମଧ୍ୟରୁ ଆଦର୍ଶବାଦ ମତବାଦ ଅନୁସାରେ ସତ୍ୟର ସନ୍ଧାନ କେବଳ ଯୁକ୍ତି, ଐଶ୍ୱରିକ ଜ୍ଞାନ ମାଧ୍ୟମରେ ମିଳିପାରିବ । ତେଣୁ ଯେଉଁ ଭଳି ଭିନ୍ନ ଭିନ୍ନ ସମୟରେ ଶିକ୍ଷା ର ଭିନ୍ନ ଭିନ୍ନ ଲକ୍ଷ୍ୟ କୁ ନେଇ ଭିନ୍ନ ଭିନ୍ନ ପାଠ୍ୟକ୍ରମ କରାଯାଏ ଠିକ୍ ସେହିଭଳି ଅତୀତ ରେ ସମୟ ଅନୁସାରେ ତାଳ ମିଳାଇ ଜାତୀୟ ଶିକ୍ଷା ନୀତି ତଥା ବିଭିନ୍ନ ପ୍ରକାରର କମିଶନ ଯଥା କୋଠାରୀ କମିଶନ (୧୯୬୮) ।

ସୋଲୋ ଡେଟିଂ
॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ଏବେ ସମସ୍ତଙ୍କର ହାତରେ ମୋବାଇଲ ଫୋନ । ସେଥିପାଇଁ ସବୁ ଜିନିଷ ଭାଇରାଲ ହେବାକୁ ବିଳମ୍ବ ହେଉନାହିଁ । ଭିନ୍ନ ଯୋଗୁ ଗୀତ, ନାଚ ହେଉ କିମ୍ବା ସଂଳାପ ଜଲଦି ଟ୍ରେଣ୍ଡ କରୁଛି । ଏମିତି ଏକ ଟ୍ରେଣ୍ଡ ହେଉଛି ସୋଲୋ ଡେଟିଂ । ଏହାକୁ ମାଷ୍ଟର ଡେଟିଂ ମଧ୍ୟ କୁହାଯାଉଛି । ସୋସିଆଲ ମିଡ଼ିଆରେ ଯୁବଗୋଷ୍ଠୀ ଏଭଳି ଡେଟିଂର ଫଟୋ ଏବଂ ଭିଡ଼ିଓ ପୋଷ୍ଟ କରୁଛନ୍ତି । ତେବେ ସୋଲୋ ଡେଟିଂ କ'ଣ ଜାଣନ୍ତି ? ଏହାର ଅର୍ଥ ହେଉଛି ନିଜକୁ ଡେଟ କରିବା । ରିଲେସନସିପ ଏକ୍ସପର୍ଟଙ୍କ ମତରେ ସୋଲୋ ଡେଟିଂରମାନେ ଅନ୍ୟ କାହା ସହିତ ସମ୍ପର୍କରେ ଆସିବା ପୂର୍ବରୁ ପ୍ରଥମେ ନିଜକୁ ପ୍ରେମଯୋଗ୍ୟ କରିବା ପାଇଁ ନିଜକୁ ଉପହାର ଦେବା, ଟ୍ରିଟ ଦେବା ଏବଂ ନିଜକୁ ଖୁସି କରିବା ପାଇଁ ଏକୁଟିଆ ବୁଲାବୁଲି କରିବା ଆଦି ସାମିଲ । ସରଳ ଶବ୍ଦରେ ବୁଝିବାକୁ ଗଲେ ସୋଲୋ ଡେଟିଂରେ ଆପଣ ନିଜକୁ ଡେଟକୁ ନେଇଯାଇଥାନ୍ତି । ଏଥିରେ ସାଙ୍ଗସାଥୀ ଏବଂ ପାର୍ଟନର ଆବଶ୍ୟକ ନଥାଏ । ଆପଣ ଏକାକୀ ନିଜ ସହିତ ଖୁସି ରହିଥାନ୍ତି ।

୧୩ ବର୍ଷ ପୂର୍ବେ ଅର୍ବାନ ଡିକ୍ସିନାରୀରେ ମାଷ୍ଟରଡେଟିଂ ଶବ୍ଦକୁ ଭଲ ଭାବେ ବ୍ୟାଖ୍ୟା କରାଯାଇଥିଲା । ସେହି ଡିକ୍ସିନାରୀ ଅନୁସାରେ, ଯେତେବେଳେ ଜଣେ ବ୍ୟକ୍ତି କୌଣସି ଫିଲ୍ମ ଦେଖିବାକୁ ସିନେମା ହଲ ଏକୁଟିଆ ଯାଇଥାନ୍ତି, ତାହାକୁ କୁହାଯାଇଥାଏ ମାଷ୍ଟର ଡେଟିଂ । ଏଥିରେ ବିଭିନ୍ନ ପ୍ରକାର ଗତିବିଧି ସାମିଲ ଥାଏ ଯେମିତି ଏକୁଟିଆ ମୁଭି ଦେଖିବା, ଫାଷ୍ଟଫୁଡ ଖାଇବା କିମ୍ବା କଫି ପିଇବା । ପ୍ରାୟତଃ ଏସବୁ ଗତିବିଧିରେ ଲୋକମାନେ ସାଙ୍ଗ ସାଥୀ କିମ୍ବା କପଲ୍ସ ଯାଇଥାନ୍ତି । କିନ୍ତୁ ମାଷ୍ଟର ଡେଟିଂରେ ଜଣେ ଏକାକୀ ଏସବୁ ସମୟ ଉପଭୋଗ କରିବାକୁ ଭଲ ପାଆନ୍ତି । ବିଶେଷଜ୍ଞଙ୍କ ଅନୁସାରେ ଲୋକମାନେ ଖୁସି ରହିବା ପାଇଁ ସପ୍ତାହରେ ଥରେ ମାଷ୍ଟର ଡେଟିଂ ନିହାତି କରିବା ଦରକାର । ଏଥିରେ କାହାର ସାଥୀ ଆବଶ୍ୟକ ନଥାଏ । ନିଜକୁ କୌଣସି ଉପହାର ଦେଇପାରିବେ କିମ୍ବା ଭଲ ରେଷ୍ଟୋରାଁ ଓ ହୋଟେଲ ଯାଇ ଖାଇପାରିବେ । ଏହାର ସକାରାତ୍ମକ ପ୍ରଭାବ ମାନସିକ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ଏହାକୁ ନେଇ ସେମିତି ଭୟଭୀତ ବା ଆତଙ୍କିତ ହେବାର କୌଣସି କାରଣ ନାହିଁ । ସବୁବେଳେ ନିଜକୁ ଫ୍ରେସ ରଖନ୍ତୁ କେବଳ ସକାରାତ୍ମକ ନୁହେଁ ଅନ୍ୟ ମାନଙ୍କ ପାଇଁ ସାହାଯ୍ୟଶୀଳ ହୁଅନ୍ତୁ । ଯଥା ସମ୍ଭବ ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ କିନ୍ତୁ ସାଙ୍ଗ ବୋତଲିକ ସହ କିଛି ସମୟ କାଟନ୍ତୁ । ସୁଷମଖାଦ୍ୟ ସବୁଠାରୁ ଭଲ, ଯୋଗ ପ୍ରାଣାୟାମ ମଧ୍ୟ ଖୁବ ଭଲ ଅଭ୍ୟାସ ତେଣୁ ଏହାକୁ ଆପଣାନ୍ତୁ । ସୋଲୋ ଡେଟିଂକୁ ଆନନ୍ଦମୟ କରିବା ପାଇଁ ଏହାକୁ ସକାରାତ୍ମକ ଦିଗ ପାଇଁ ବ୍ୟବହାର କରନ୍ତୁ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୧୩୨୪୩୩୩୩୩

ତୁମ ଠୁ ଆରମ୍ଭ, ତୁମଠି ଶେଷ
॥ ସୁକାନ୍ତ ଛାଟୋଇ ॥

ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିଟି ଓଡ଼ିଆ ଘରର ଗୃହ ଇଷ୍ଟ ଦେବତା, ଠାକୁର ଘରର ମୁରବୀ । ସବୁ କିଛି ହିଁ ସେ । ଶ୍ରୀଜଗନ୍ନାଥ ଉତ୍କଳୀୟ ସାହିତ୍ୟ ସଂସ୍କୃତି, ଧର୍ମ, ଦର୍ଶନ, ଭାବ ଓ ଭକ୍ତିର କେବଳ ପ୍ରାଣକେନ୍ଦ୍ର ନୁହଁନ୍ତି । ସର୍ବଧର୍ମ ସମନ୍ୱୟର ପ୍ରତୀକ ସେ । ଏବେ ଜଗନ୍ନାଥ ସଂସ୍କୃତି ବିଶ୍ୱ ସଂସ୍କୃତି ଭାବରେ ସ୍ୱୀକୃତି ଲାଭ କରିଛି । ଶ୍ରୀଜଗନ୍ନାଥ ଜାତି, ବର୍ଣ୍ଣ, ଧର୍ମ, ନିର୍ବିଶେଷରେ ସମସ୍ତଙ୍କ ଦୃଷ୍ଟିଭଙ୍ଗୀରେ ସ୍ୱାଭିଳାଷିତ ରୂପରେ ବିଦ୍ୟମାନ ।

ସେହି ନିରାମୟ ସବୁ ସୃଷ୍ଟିର ଯିଏ ହିଁ ସ୍ରଷ୍ଟା ଯାହାଙ୍କ ଠାରୁ ସବୁକିଛିର ଆରମ୍ଭ ଆଉ ସବୁ କିଛିର ଶେଷ । ସେ ଆମ ସଭିଁର ମାଲିକ । ତାଙ୍କ ପାଖରେ ରହିଛି ଅଗଣିତ, ଅନନ୍ତ, ଅନ୍ତହୀନ ଯେତିକି ରହସ୍ୟ ସେତିକି ବିଶ୍ୱାସ । ତାଙ୍କୁ ଯିଏ ଡାକନ୍ତି, ଯେଉଁଠି ଡାକନ୍ତି ସେଇଠି ଶୁଣନ୍ତି । ସେ ଷାଠିଏ ପଉଟି ନିତିଦିନ ମଣୋହି କରନ୍ତି, ଠିକ ଆମ ପରି ସକାଳୁ ଉଠନ୍ତୁ, ଦିନ ତମାମ ସମସ୍ତ ନିତ୍ୟକର୍ମ ନିର୍ବାହ କରି ରାତିରେ ବିଶ୍ରାମ ଯାଆନ୍ତି । ମହାପ୍ରଭୁ ହେଉଛନ୍ତି ମାନବୀୟ ଲୀଳାର ଠାକୁର । ସର୍ବଧର୍ମ, ସର୍ବ ମତ ସମସ୍ତ ଚିନ୍ତା ଚେତନାର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ ।

ସେ ହେଉଛନ୍ତି ଆମ ଜାତିର କୁଳ ଦେବତା, ଆମ ଦାରୁ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ କି ହିଁ ଏ ବିଶ୍ୱର ଲୀଳା । ସେ ଭକ୍ତର ଭଗବାନ । ରତ୍ନ ସିଂହାସନରେ ତୁମ ଦର୍ଶନ ପାଇଁ ପୁରୀ ଧାଇଁ ଆସେ ଭକ୍ତ । ଦର୍ଶନ କରେ, ମନ ପୁରେନି । ଅଭାବବୋଧକୁ ଧରି ଘରକୁ ଫେରେ । କଥା କହିବା, ଜନ୍ମ ଯନ୍ତ୍ରଣା ସହିବା ଆଉ ଜୀବନ ବୋଝ ବୋହିବା ପାଇଁ ଯିଏ ଶକ୍ତି ଦିଏ, ଜୀବନ ଡଙ୍ଗା ବାହିବା ପାଇଁ ଯିଏ ବଳ ଦିଏ ଜୀବନ ଚକ୍ରକୁ ମୁକ୍ତି ନିମିତ ଯିଏ ମାର୍ଗ ଦେଖାଇଥାଏ ସିଏ ହେଉଛନ୍ତି ଶଙ୍ଖନାଭି ମଣ୍ଡଳରେ ରହିଥିବା ଜଗନ୍ନାଥ । ମହାପ୍ରଭୁ ଶ୍ରୀଜଗନ୍ନାଥ ଅସମ୍ପୂର୍ଣ୍ଣ ହୋଇ ମଧ୍ୟ ସେ ସ୍ୱୟଂ ସଂପୂର୍ଣ୍ଣ । ସେ ହେଉଛନ୍ତି ସମଗ୍ର ମୂର୍ତ୍ତି ତତ୍ତ୍ୱର ପ୍ରତୀକ । ସର୍ବଧର୍ମର ମୂଳାଧାର । ସର୍ବକର୍ମ ସ୍ୱରୂପ, ସର୍ବ ଜୀବ ସ୍ୱରୂପ । ସେ ସିଦ୍ଧିଦାତା ଓ ମୁକ୍ତିଦାତା । ଓଡ଼ିଶାର ସାମାଜିକ ଜୀବନ ଚେତନାରେ ସବୁଠି, ସବୁକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁଦୂର ପ୍ରସାରୀ । ଓଡ଼ିଶାର ଜାତୀୟ ଦେବତା ଭାବରେ ଗୃହୀତ ହେବା ପରେ ଜଗନ୍ନାଥ ଏକ ସର୍ବବ୍ୟାପୀ ଚେତନା ହୋଇ କୋଟି ଓଡ଼ିଆଙ୍କ ମାନସରେ ପ୍ରସାର ଲାଭ କରିଛନ୍ତି । ଯାହାଦ୍ୱାରା ତାଙ୍କ ପବିତ୍ର ନାମଟି ତୁଣ୍ଡରେ ଧରିବା ମାତ୍ରେ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଖେଳିଯାଏ ଅବର୍ଣ୍ଣନୀୟ ଶିହରଣ, ଆଧ୍ୟାତ୍ମିକତାର ଉନ୍ମାଦନା ଆଉ ଭାବ ବିନୋଦର ଅମୃତ ସ୍ପର୍ଶ ।

ଓଡ଼ିଶାରେ ଏମିତି କେଉଁଠି ଘର ନାହିଁ ଯେଉଁଠି ସକାଳରୁ ରାତି, ଯେତେବେଳେ କେବଳ ଘରର ଲୋକମାନେ ନୁହଁନ୍ତି ଖୋଦ ଘର ବି ବିଶ୍ରାମ ନେଇଥାଏ ସେଠିବି ମହାପ୍ରଭୁ ରହିଥାନ୍ତି, ସେ ପରା ଭକ୍ତର ଅଧୀନ । ତାଙ୍କୁ ଯେଉଁ ପ୍ରାର୍ଥନା, ଯେଉଁ ସମୟରେ ଭାବ ସମର୍ପଣ ସହିତ ଜଣାଇଥାଏ ସେ ସବୁ ଶୁଣନ୍ତି ଆଉ ସବୁ ବୁଝନ୍ତି ମଧ୍ୟ । ଆମ ଓଡ଼ିଆ ନିତିଦିନିଆ ଜୀବନରେ ମହାପ୍ରଭୁ ଏମିତି ବସିଯାଇଛନ୍ତି ଯେ ଓଡ଼ିଆ ଘରରେ ଆମ ପରମ୍ପରାର ଏକୋଇଶା ନାମକରଣରେ ଅନେକ ମହାପ୍ରଭୁଙ୍କୁ ଟିକିଏ ରାତି ପାହିଲେ ତୁଣ୍ଡରେ ଧରିବା ପାଇଁ ସେମାନଙ୍କ ପିଲାଙ୍କ ନାମକରଣ କରିଥାନ୍ତି 'ଜଗନ୍ନାଥ', 'କାଳିଆ', 'ପୁରୁଷୋତ୍ତମ' ଏହିପରି ବିଭିନ୍ନ ନାମରେ । ପ୍ରତିଟି ଓଡ଼ିଆଙ୍କ ଶୁଭକାର୍ଯ୍ୟରେ ପ୍ରଥମ ନିମନ୍ତ୍ରଣ ମହାପ୍ରଭୁଙ୍କୁ । ପିଲାଟିର ନାମକରଣ ହେଉ ବା ଅନ୍ନପ୍ରାସନ, ଏକୋଇଶା ଠାରୁ ଜନ୍ମ ବାର୍ଷିକୀ, ଉପନୟନ ଠାରୁ ଗୃହ ପ୍ରତିଷ୍ଠା ଏବଂ ଜୀବନର ଶେଷ ଆଶ୍ରା ଓ ଶେଷ ସମୟରେ ମଧ୍ୟ ମହାପ୍ରଭୁଙ୍କ ନିର୍ମାଲ୍ୟ ଟିକକ ଖୋଜା ପଡ଼ିଥାଏ ।

ଆମ ଓଡ଼ିଆଙ୍କ ଗାଁ ଗଣ୍ଡା ଠାରୁ ସହର ପର୍ଯ୍ୟନ୍ତ ସବୁ ଭାଗବତ ଗାଦୀର ଭାଗବତ ଗୋସେଇଁ ଭାବରେ ଶ୍ରୀଜଗନ୍ନାଥ ପୂଜା ପାଇଥାନ୍ତି । ଏହି ଛୋଟବଡ଼ ବିଭିନ୍ନ ମଠ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରହିଥିବା ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ । କାର୍ତ୍ତିକ ମାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ହିନ୍ଦୁ ଗୃହିଣୀ ତୁଳସୀ ଚଉରା ମୂଳରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ମହାପ୍ରଭୁଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଓ ବାହାନ ଗରୁଡ଼ ପ୍ରଭୃତିଙ୍କ ଚିତ୍ର ମୁରୁଜରେ ଆଙ୍କି ଆରାଧନା କରିଥାନ୍ତି । ପ୍ରତ୍ୟେକ ନୈଷ୍ଠିକ ଓଡ଼ିଆ ପ୍ରତିଦିନ ସ୍ନାନ ପରେ ନିର୍ମାଲ୍ୟ କଣିକା ଟିକିଏ ସେବନ କଲାପରେ ହିଁ ଅନ୍ନଜଳ ସ୍ପର୍ଶ କରିଥାନ୍ତି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଓଡ଼ିଆଙ୍କର ଚିର ସାଥୀ । ଶିଶୁଟିର ଜନ୍ମ ହେବାର ସପ୍ତମ ଦିବସରେ ତାହାକୁ ସ୍ନାନ କରାଇ ଅଶୌଚ ଦୋଷ ନିବାରଣ କଲାବେଳେ ତା ଓଠରେ ମହାପ୍ରଭୁଙ୍କ ନିର୍ମାଲ୍ୟ ଛୁଆଇଁ ଦିଆଯାଏ । ସେହିଦିନ ଠାରୁ ତା ଭିତରେ ଆରୋପିତ ହୁଏ ଶ୍ରୀଜଗନ୍ନାଥ ଚେତନା । ପ୍ରତିଟି ଓଡ଼ିଆ ଶେଷ ନିଃଶ୍ୱାସ ପୂର୍ବରୁ ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଇବା ପାଇଁ କେତେ ବ୍ୟାକୁଳ ହୋଇଉଠିଥାଏ ! ଏହି ନିର୍ମାଲ୍ୟ ହିଁ ତାଙ୍କୁ ମୁକ୍ତି ଦେବ । ଏହି ଅଟଳ ବିଶ୍ୱାସଟି ହିଁ ବାନ୍ଧି ହୋଇଥାଏ ।

ମହାପ୍ରଭୁଙ୍କ ମହାପ୍ରସାଦ ଆମ ନିତିଦିନିଆ ସମ୍ପର୍କର ଅଦ୍ଭୁତ ଆଧ୍ୟାତ୍ମିକ ସମ୍ପର୍କ । ଓଡ଼ିଆଙ୍କ ସାମାଜିକତାରେ ଏହା ହେଉଛି ମହାପ୍ରସାଦ ନିର୍ବନ୍ଧ । ଏହି ନିର୍ବନ୍ଧ ପରେ ଯେଉଁପକ୍ଷ ପ୍ରସ୍ତାବ ଭାଙ୍ଗି ଦିଏ ସେହି ପକ୍ଷ ଜଗନ୍ନାଥଙ୍କ ପାଖରେ ଦ୍ରୋହୀ ହୁଏ ବୋଲି କାଳ କାଳର ବିଶ୍ୱାସ ରହିଛି । ଅନେକ କ୍ଷେତ୍ରରେ ଜାତକ ଅମେଳ ହେଲେ 'ସର୍ବମଙ୍ଗଳ ଜଗନ୍ନାଥ' କହି ବିବାହ ପ୍ରସ୍ତାବକୁ ବିଶ୍ୱାସର ସହ ଆଗେଇ ନିଆଯାଇଥାଏ । ଝିଅ ଘରୁ ଯେଉଁ ପ୍ରଥମ ଭାରଟି ଯାଇଥାଏ ସେଥିରେ ପ୍ରଥମେ ଓ ଶ୍ରଦ୍ଧାର ପ୍ରେରଣୀୟ ବସ୍ତୁ ହେଉଛି ମହାପ୍ରସାଦ । ଏହି ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ଓଡ଼ିଆ ମାନଙ୍କ ପାଇଁ ଅମୃତତୁଲ୍ୟ ।

ମହାପ୍ରସାଦ ଦ୍ୱାରା କେବଳ ସୂର୍ଯ୍ୟବନ୍ଧୁ ଭାଇଚାରା ପରିବେଶକୁ ବଢ଼ାଇ ନଥାଏ ବରଂ ଏ ଦୁନିଆରେ ଗୋଟିଏ ହିଁ ଜାତି ତାହା ଯେ ମଣିଷ ଜାତି ଏହି ମାନବୀୟ ମୂଲ୍ୟବୋଧ ଶିକ୍ଷା ଦେଇଥାଏ ଜଗନ୍ନାଥ ଚେତନା । ଆବହମାନ ସମୟରୁ ବିଶ୍ୱାସ ଅଛି ମୃତ୍ୟୁବେଳେ ମହାପ୍ରଭୁଙ୍କ ନାମ ନେଲେ ଯମଦଣ୍ଡରୁ ମୁକ୍ତି ମିଳେ ଓ ଆତ୍ମା ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ଥିବାରୁ ମୃତ୍ୟୁବେଳେ ସଭିଏଁ 'ଜଗନ୍ନାଥ ନାମଟି ସ୍ମରଣ କରିଥାନ୍ତି । ଓଡ଼ିଆର ପ୍ରତିଟି କ୍ଷେତ୍ର ପ୍ରତିଟି ଭାବନା, ପ୍ରତିଟି ଚିନ୍ତା ସର୍ବୋପରି ସମାଜର ପ୍ରତି କ୍ଷେତ୍ରରେ ରହିଛି ଶ୍ରୀଜଗନ୍ନାଥଙ୍କ ପ୍ରଭାବ । ଆମ ସବୁଠି ଶ୍ରୀ ଜଗନ୍ନାଥ ଚେତନା ମିଶି ଏକ ହୋଇଯାଇଛି । ଶ୍ରୀଜଗନ୍ନାଥଙ୍କୁ ଅଲଗା କରି ଓଡ଼ିଆ ସଂସ୍କୃତିର ସ୍ଥିତି ଚିନ୍ତା କରାଯାଇପାରେନା । ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି । ଆମ ମହାପ୍ରଭୁ, ଆମ ଶ୍ରୀଜଗନ୍ନାଥଙ୍କୁ ନେଇ ଆମେ ବିଦେଶରେ ପରିଚିତ ହୋଇଥାଉ । ସତରେ ତାଙ୍କୁ ନେଇ ହିଁ ଆମର ପରିଚୟ । ତାଙ୍କ ଶିକ୍ଷା ହେଉଛି ଶାନ୍ତି, ମୈତ୍ରୀ, ମାନବିକତା ପ୍ରତିଷ୍ଠା ଦିଗରେ ସମସ୍ତେ ଆଗେଇ ଚାଲନ୍ତୁ । ମହାପ୍ରଭୁଙ୍କ ଆନନ୍ଦ ଅମୃତ ଚେତନା ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି ଏହି ସଂସ୍କୃତି ଶିକ୍ଷା ଦେଇଥାଏ ଯେ ଭାବରେ, ପୂର୍ଣ୍ଣ ହୃଦୟରେ, ନିଃସ୍ୱାର୍ଥପର ସହିତ ଯିଏ ତାଙ୍କୁ ଖୋଜିଛି, ଲୋଡ଼ିଛି, ଆତ୍ମ ନିବେଦନ କରିଛି ସେ ତାର ସବୁକିଛି ବୁଝିଛନ୍ତି । ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନ ।

ପୋପଡ଼ା, ନୂଆ ବଜାର, କଟକ
ମୋ : ୮୨୪୯୨୬୦୬୨୧

ପ୍ରାଣକୃଷ୍ଣ ପରିଜା : ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି
॥ ଡ଼ଃ.ଅରୁନ୍ଧତୀ ଦେବୀ ॥

୧୯୪୩ ମସିହାରେ ତତ୍କାଳୀନ ରେଭେନ୍ସା ମହାବିଦ୍ୟାଳୟ ପରିସରରେ ଜନ୍ମ ନେଇଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ । ୧୯୪୩-୪୮ ପର୍ଯ୍ୟନ୍ତ ଏହାର ପ୍ରଥମ କୁଳପତି ଆସନ ଅଳଙ୍କୃତ କରିଥିବା ମହାନ୍ ଓଡ଼ିଆ ଜଣକ ହେଉଛନ୍ତି ଉଦ୍ଭିଦ ବିଜ୍ଞାନୀ ପ୍ରଫେସର ପ୍ରାଣକୃଷ୍ଣ ପରିଜା । ପ୍ରଫେସର ପରିଜା ହିଁ ଓଡ଼ିଶାର ଏହି ପ୍ରଥମ ବିଶ୍ୱବିଦ୍ୟାଳୟର ଲାଳନପାଳନ ଦାୟିତ୍ୱ ତୁଲାଇ, ଏହାକୁ ପରିଣତ ଅବସ୍ଥାକୁ ଆଣିଥିଲେ । ସେ ବିଭିନ୍ନ ସମୟରେ ମୋଟ ତିନି ଥର ଏହି ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ତୁଲାଇଥିବା ଜଣାଯାଏ । ଏହାପୂର୍ବରୁ ସେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ । ଦାୟିତ୍ୱ ତୁଲାଇଥିଲେ ୧୯୩୮ରୁ ୧୯୪୫ ଯାଏ । ୧୯୨୧ରେ ସେ ରେଭେନ୍ସା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଭାବେ ଯୋଗଦେଇଥିଲେ । ତାଙ୍କ ଉଦ୍ୟମରେ ୧୯୨୪ରେ ଏଠାରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକ ସ୍ତରରେ ପାସ ପାଠ୍ୟକ୍ରମ ଖୋଲିଥିଲା । ସେହିପରି ୧୯୩୦ରେ ଖୋଲିଥିଲା ଅନର୍ସ । ପ୍ରଫେସର ପରିଜାଙ୍କ ଉଦ୍ୟମରେ ରେଭେନ୍ସା ସମଗ୍ର ଦେଶରେ ବିଶେଷ ସୁନାମ ଲାଭ କରିଥିଲା । ତାଙ୍କ କାର୍ଯ୍ୟକାଳରେ ରେଭେନ୍ସାର ଛାତ୍ରାବାସରେ ଗୋପାଳନର ବ୍ୟବସ୍ଥା କରାଯାଇଥିଲା । ଏହା ଦ୍ୱାରା ଛାତ୍ରମାନେ ଅଳ୍ପ ମୂଲ୍ୟରେ ବିଶୁଦ୍ଧ ଗୋ-ଦୁଗ୍ଧ ପାଉଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ଏକଦା ସେ ଏହି ମହାବିଦ୍ୟାଳୟର ଛାତ୍ର ଥିଲେ । ତାଙ୍କ ସମୟରେ ରାଭେନ୍ସାରେ ବିଜ୍ଞାନରେ ସ୍ନାତକ ପାଠ୍ୟକ୍ରମ ନଥିଲା । ତେଣୁ କାଲକାତା ବିଶ୍ୱବିଦ୍ୟାଳୟ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଆଦିରେ ଉଚ୍ଚ ଶିକ୍ଷା, ଗବେଷଣା ଆଦି କରିଥିଲେ ସୁଦ୍ଧା ପ୍ରଫେସର ପରିଜା ସରଳ ଜୀବନଯାପନ କରୁଥିଲେ । ସମୟାନୁବର୍ତିତା ଥିଲା ତାଙ୍କର ଏକ ବଡ଼ ଗୁଣ । ସାହିତ୍ୟ ପ୍ରିୟ ଥିଲେ । ଓଡ଼ିଆ ଭାଷା, ସଂସ୍କୃତି ଆଦିର ଆଦର କରୁଥିଲେ । ଏପରିକି ଉଦ୍ଭିଦ ବିଜ୍ଞାନ ସଂପର୍କିତ ତଥ୍ୟ ବୁଝାଉଥିବା ବେଳେ ମଧ୍ୟ ଓଡ଼ିଆ ଢ଼ଗ-ଢ଼ମାଳି ବ୍ୟବହାର କରୁଥିଲେ । ଥରେ ଜଣେ ଛାତ୍ରକୁ ପଚାରିଲେ, ଆଗେ ଦୁଣ, ପଛେ ଦୁଣ, ଗର୍ଭଣାକୁ ଟୁଣଟୁଣର ଅର୍ଥ କହ । ଛାତ୍ର ପାଟି ଆଁ କରି ଅନେଇରହିଲା । ପ୍ରଫେସର ପରିଜା ବୁଝାଇଦେଲେ ଗର୍ଭଣା ସଂକ୍ରାନ୍ତି ବେଳକୁ ଦିନ ଛୋଟ ହେଲେ, ଧାନରେ ଫୁଲ ହୁଏ । ଜଗତସିଂହପୁର ଜିଲ୍ଲାର ବାଲିକୁଦା ନିକଟବର୍ତ୍ତୀ ଇଛାପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ । ୧୯୭୮ ଜୁନ୍ ଆଜିର ଦିନରେ ଏହି ମହାନ୍ ବିଜ୍ଞାନୀ ତଥା ଶିକ୍ଷାବିତ୍‌ଙ୍କ ଦେହାନ୍ତ ହୋଇଥିଲା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,ଦୂରଭାଷ : ୯୯୩୭୧୭୨୮୧୦

କୁଳ, ଅକୁଳ, କୁଳାକୁଳ ନକ୍ଷତ୍ର ଅଧିକାରୀ
॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

କୁଳନକ୍ଷତ୍ର ପୂର୍ବାଷାଢ଼ାରେ ରବି ସବୁ ବର୍ଷ ଖ୍ରୀଷ୍ଟବର୍ଷ ଆରମ୍ଭକୁ ରହି ଥାଆନ୍ତି । ଭାରତ ସ୍ୱାଧୀନତା ହାସଲ ଦିନ ରବି ଥିଲେ ଆତ୍ମ କାରକ ଗ୍ରହ । ଅଶୋକ ସ୍ତମ୍ଭର ସିଂହ, ଚତୁର୍ଦ୍ଦିଗକୁ ଚାହାଣିରେ ଏକ ସ୍ତମ୍ଭରେ ବିରାଜମାନ ଚିହ୍ନରେ ଭାରତର ରାଷ୍ଟ୍ର ସଙ୍କେତ ସିଂହ ପାଇଁ ଏକ ରାଶି ବାର ରାଶିରେ ସ୍ଥାନ ଯାହା ରାଜ ରାଶି ସ୍ଥିର ଅଗ୍ନି ରାଶି ଯାହା ହାତରେ ଦଣ୍ଡ ନିତି ପ୍ରଭୁ ନୃସିଂହଙ୍କୁ ଭକ୍ତ ପ୍ରହ୍ଲାଦ ବିପଦ ଗ୍ରସ୍ତରେ ନିରୁପାୟ ହୋଇ କାତର ଡାକରେ ଅରୂପ ଦେବତାଙ୍କୁ ରୂପ ପ୍ରକାଶକୁ ବାଧ୍ୟ କରିଥିଲେ । ଏକରେ ରାଜା ଦୁଇରେ ସ୍ୱ ପିତା, ସେମାନମାନି କାନୁନ କରି ଅବୁଝା ଅନ୍ଧ ପରି ଶାସ ନାହିଁ, ଭଗବାନ ନାହାନ୍ତି ଏପରିରେ ଆତଙ୍କ ଚଲାଇ ସେ ପ୍ରଜାଜନଙ୍କୁ ଶାସନ କରୁଥିବା ବ୍ୟକ୍ତିର ପୁତ୍ର ପୁଣି ଈଶ୍ୱରନିଷ୍ଠ ଖାଲି ନୁହଁନ୍ତି ପ୍ରବଳ ଦୃଢ଼ ଈଶ୍ୱର ନିଷ୍ଠକୁ ଗୁରୁ ମାନଙ୍କ ଦ୍ୱାରା ଶକ୍ତିପାତ ହୋଇଥିବା ଜ୍ଞାନୀ । ଯେଉଁ ରାଜା ବିଦ୍ୱାନ ଜ୍ଞାନୀଙ୍କୁ ହତାଦର କରନ୍ତି କେବେ ସେ ହୁଅନ୍ତୁ ବା ତାଙ୍କ ବସିଥିବା ସିଂହାସନ, ରାଜ କରିବା ଭୂମି କଦାପି ଦୀର୍ଘସ୍ଥାୟୀ ହୁଏନାହିଁ ଅକାଳ ମୃତ୍ୟୁ ଆକସ୍ମିକ ଆସିଥାଏ । ରାଜାହିରଣ୍ୟକାଶିପୁଙ୍କର ସେହି ଅବସ୍ଥା ହୋଇଥିଲା । ପ୍ରଜାଙ୍କୁ ଦଣ୍ଡ ଦେଇ ମାରପିଟ ମେରିଭାୟ ଲଗାଇ ଶାସନ କେବେ ଈଶ୍ୱର ସହନ୍ତି ନାହିଁ । ଏ ପାଇଁ ନୃସିଂହ ନର+ସିଂହ, ନମଙ୍କ ନୃସିଂହଚରଣ, ସିଂହ ପୁରୁଷ, ପୁରୁଷ ସିଂହ, ପୁରୁଷ ବ୍ୟାଘ୍ର ଏପରି ବ୍ୟକ୍ତିତ୍ୱ ଖୋଜ ହୁଏ । ଏଇ ସିଂହ ରାଶି ପ୍ରତ୍ୟେକ ବେଳେ ପୁରୁଷ ସିଂହ ଅବତାର୍ଣ୍ଣ କରାଇ, ସେ ପ୍ରଶାସନରେ ବା ଧର୍ମଗୁରୁ ଭାବରେ ବା ଜନ ନେତା, ବା ବିଶେଷ ବିଜ୍ଞ ବିଜ୍ଞାନୀ ନରସିଂହ ରୂପେ ଦେଖାଯାନ୍ତି । ଆକାଶର ଗ୍ରହ ମାନେ ଯେପରି ରବିଙ୍କୁ କେନ୍ଦ୍ର କରି ଘୁରୁଛନ୍ତି ଏହି ନରସିଂହଙ୍କୁ ସଦା ଲୋକେ ଜୟ ଜୟକାର କରି ସମ୍ମାନ ଦେଖାଇ ରହୁଛନ୍ତି । ରବିଙ୍କ ରାଶି ସିଂହ ରାଶି ଏହି ରାଶିର ପ୍ରାଧାନ୍ୟ ବିଭିନ୍ନ ଭାବ ସମ୍ବନ୍ଧ ଗ୍ରହଯୋଗ ଓ ଦଶ ବର୍ଗ ବା ଷୋଡ଼ଶ ବର୍ଗରେ ରବି ଅଧିକ୍ୟ ରେ ଜନ୍ମ ଜାତକ ଏପରି ସିଂହ ହୋଇପାରନ୍ତି । ପାଂଚ ମହାପୁରୁଷ ଯୋଗରେ ଏ ଯୋଗ ସଂଯୋଗ ମଣି କାଂଚନ ଯୋଗ କରାଏ । କୁଳୀନ ମାନେ କୁଳ ରକ୍ଷକ, ଜାତି, ଧର୍ମ ପରିବାରର ଆଚାର ରକ୍ଷା କରିବା ସହ ଜନ୍ମ ଭୂମି ସହ ସଂସ୍କୃତି ପରମ୍ପରା ରକ୍ଷା କରନ୍ତି, ଅକୁଳ ନକ୍ଷତ୍ର ଜାତମାନେ ମନୋଜ୍ଞ, ସ୍ୱଛନ୍ଦରେ ଚଳନ୍ତି, ପ୍ରବଳ ସୁବିଧାବାଦୀ, ଜାତି, ଧର୍ମ ସମ୍ପ୍ରଦାୟ ଦଳ ବଦଳ କରିଥାନ୍ତି । ଆଉ ଦଳେ କୁଳ ଅକୁଳ ନକ୍ଷତ୍ରରେ ଜନ୍ମ, ସେ ବର୍ଷା ଯୁଆଡ଼େ ଛତା ସିଆଡ଼େ ଧରନ୍ତି । ଯେଉଁ ଦଳ ଶାସନକୁ ଆସୁ ସେ ସେହିଦଳର କହି ହୁଅନ୍ତି । ହିରଣ୍ୟ ହାସଲ ଚିନ୍ତା ଏବେ ଚକଚକର ଦେଖ ସୁନା ଦେଢ଼ ଲକ୍ଷ ଟଙ୍କା ଧରିଲାଣି ତଥାପି ସୁନା ଦୋକାନରେ ଭିଡ଼ କମୁନାହିଁ । ଏହାର ଅର୍ଥ ହିରଣାକ୍ଷ, ହିରଣ୍ୟ କଶିପୁଙ୍କ ସଂଖ୍ୟା ଅଗଣିତ । ସୁନା କିଣିବା ବେଳେ ପରିବାର ଜନଙ୍କ ସହ କପଟ, ସ୍ତ୍ରୀ ପାଇଁ ସୁନା କିଣିବା ଦିନ ଭଉଣୀଙ୍କୁ ମାଆଙ୍କୁ ଲୁଚାଯାଉଛି । ଏ ମାସ ଦରମା ମିଳିନାହିଁ ଦରମାରୁ ଟିକସ ବାବଦ ଟଙ୍କା କଟିଯାଇଛି ଏପରି କପଟ ବାଣୀ ଅନେକ କହୁଛନ୍ତି । ଏମାନେ ହିଁ ଅକୁଳିନରେ ଆସୁଛନ୍ତି, କୁଳୀନ କେବେ ଭ୍ରମ ପଥରେ ପାଦ ଥାପନ୍ତି ନାହିଁ । ଅସୁର ଅସୁରୁଣୀ ରୂପ ବଦଳରେ ଏଇ ଅକୁଳୀନ ନକ୍ଷତ୍ର ମାନରେ ଗ୍ରହଙ୍କୁ ନେଇକି ଜନ୍ମ, ପାଠକେ ଜାଣନ୍ତୁ ଯମେଇ ରଖିବା କଳା ଧନକୁ ନୃସିଂହ ଗୋଷ୍ଠୀ ହିଁ ବିଦାରଣ କରିବା ଦେଖାଯାଉଛି । ଜାଣିବା ଆଗ୍ରହୀମାନେ ଭଲ ଜ୍ୟୋତିଷଙ୍କ ପାଖରୁ ନିଜର ପିଲାଙ୍କ ଜାତକର ଗ୍ରହସ୍ଥିତି ଚାଲୁଥିବା ଦଶା ଅନ୍ତର ଦଶା ଏପରି ନକ୍ଷତ୍ରମାନର ସନ୍ଧାନ କରନ୍ତୁ ଭୁଲ ବାପାମାଙ୍କର ପିଲା ହିଁ ହେବ ଅକୁଳୀନ ସାଧୁ ସାବଧାନ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

ଲୀଳାମୟ ଶ୍ରୀସତ୍ୟସାଇ ତୁଟାଇଲେ ପାରିବାରିକ ସମସ୍ୟା
॥ ସୌର ଚନ୍ଦ୍ର ମହାପାତ୍ର ॥

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି - 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ' । ବାବା ପୁଣି କହିଛନ୍ତି - 'ତମେ ମୋ ପାଖକୁ ପାଦେ ଆସିଲେ - ମୁଁ ତୁମ ପାଖକୁ ଶହେ ପାଦ ଯିବି' । ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି - 'ଯେଉଁଠି ବିଶ୍ୱାସ ଅଛି - ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି - ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି - ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି - ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି - ସେଠାରେ ଈଶ୍ୱର ଅଛନ୍ତି' । ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି ।

୧୯୯୬ରେ ମୋର ବିବାହ ହେଲା । ସେତେବେଳେ ମୁଁ କଟକରେ ଗୋଟିଏ ବଖରା ବିଶିଷ୍ଟ ଘରରେ ରହୁଥିଲି । ମୋ ସହଧର୍ମିଣୀ ଜଣେ କର୍ମଜୀବୀ ମହିଳା ହୋଇଥିବାରୁ ଗାଁରୁ ବିବାହ ଅଷ୍ଟଦିନ ପରେ କଟକ ଚାଲିଆସିଲୁ । ମୋ ପୂଜା ଆଳରେ ଦୁଇଟି ଫଟୋ ପ୍ରତିଷ୍ଠିତ ହୋଇଥିଲେ । ଗୋଟିଏ ଫଟୋ ଥିଲା ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଅନ୍ୟଟି ଥିଲା ଭଗବାନ ସତ୍ୟସାଇ ବାବାଙ୍କର । ଭଗବାନ ବାବାଙ୍କ ଫଟୋ ଦେଖି ମୋ ସହଧର୍ମିଣୀ ହଠାତ୍ ସେ ଫଟୋ ଉଠାଇବାକୁ ବାଧ୍ୟ କଲେ । ସେ ଜଣେ ତାନ୍ତ୍ରିକ ଓ ମୁଁ ତନ୍ତ୍ର ସାଧନା କରୁଛି ବୋଲି ସନ୍ଦେହ ପ୍ରକାଶ କଲେ । ମୁଁ ତାଙ୍କୁ ପାରୁ ପର୍ଯ୍ୟନ୍ତ ଯେତେ ବୁଝାଇବାକୁ ଚେଷ୍ଟା କଲି, ମୋ ଜୀବନରେ ଘଟିଥିବା ଉପରୋକ୍ତ ଅନେକ ଘଟଣା ସବୁ ବର୍ଣ୍ଣନା କରିବା ସତ୍ତ୍ୱେ ସେ ତିଳେମାତ୍ର କର୍ଣ୍ଣପାତ ନକରି ଫଟୋଟିକୁ ଫୋପାଡ଼ି ଦେବା ପାଇଁ ଜିଦ୍ ଧରି ବସିଲେ ।

ବୈବାହିକ ଜୀବନର ଆରମ୍ଭରୁ ବାବାଙ୍କୁ କେନ୍ଦ୍ରକରି ଯେଉଁ ଦ୍ୱନ୍ଦ୍ୱ ଉପୁଜିଥିଲା ତାକୁ ସମାଧାନ ପାଇଁ ପ୍ରଭୁଙ୍କ ପାଖରେ ନିରନ୍ତର ପ୍ରାର୍ଥନା କଲି । ହଠାତ୍ ଦିନେ ସକାଳୁ ମୁଁ ଏକ ସମାଧାନର ବାଟ ସହଧର୍ମିଣୀଙ୍କ ପାଖରେ ଉପସ୍ଥାପନ କଲି । ପ୍ରସ୍ତାବର ସାର ମର୍ମଟି ଥିଲା ଯେ ସେ ଯେତେବେ ବାବାଙ୍କୁ ବିଶ୍ୱାସ କରନ୍ତି ନାହିଁ ସେ ପୂଜା କଲାବେଳେ ପ୍ରଭୁ ଜଗନ୍ନାଥଙ୍କୁ ପୂଜା, ଫୁଲ, ଧୂପ ଚନ୍ଦନ ଦିଅନ୍ତୁ ପଛକେ କିନ୍ତୁ ବାବାଙ୍କ ଫଟୋ ନ ଉଠାଇବା ପାଇଁ ଜିଦ କରିବେ ନାହିଁ । ବୋଧହୁଏ କରୁଣାମୟ ବାବାଙ୍କର ଶୁଭ ଆଶୀର୍ବାଦରୁ ତାଙ୍କ ମନେ ସୃଷ୍ଟି ହୋଇଥିବା ପାରିବାରିକ କଳହ ଶାନ୍ତ ହେଲା । ଯାହାର ଫଳସ୍ୱରୂପ ବାବାଙ୍କ ଭଜନ, ସତସଙ୍ଗ ଓ ସେବା କାର୍ଯ୍ୟରେ ଯୋଗ ଦେବା ପାଇଁ ପରିବାର ତରଫରୁ ବିଶେଷ ବାଧାବିଘ୍ନ ଆଉ ରହିଲା ନାହିଁ ।

ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ । ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ୍ୟ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି । ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମାଣି କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ । ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ହେଜି ଯିବା ଉଚିତ ନୁହେଁ । ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ । ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବ୍ୟବହାର ପ୍ରଣାଳୀ ଓ ସାର୍ଥକତା ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬

ଆରମ୍ଭ
SEITHO ARAMBHA

ଏଏମସିଏସ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ନରେନ୍ଦ୍ର ଦିଗାଲଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଟିକାବାଲି, ୦୧/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଏଏମ୍‌ସି ଏସ ମହାବିଦ୍ୟାଳୟରେ ଇଂରାଜୀ ଅଧ୍ୟାପକ ନରେନ୍ଦ୍ର ଦିଗାଲଙ୍କୁ କଲେଜ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରଥଙ୍କ ଅଧ୍ୟକ୍ଷତା ରେ ଆବେଗ ଭରା ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ମୁଖ୍ୟ ଅତିଥିଭାବେ କଲେଜ ପରିଚାଳନା ପରିଷଦର ପ୍ରାକ୍ତନ ସଭ୍ୟ ତଥା ରାଜ୍ୟ ଏସି ମୋର୍ଚ୍ଚାର ଉପସଭାପତି ରାମବିଶ ଦିଗାଲ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ଯୋଗଦେଇ ଅଧ୍ୟାପକ ଦିଗାଲ ସାର୍ କଲେଜର ପ୍ରଶାସନିକ ଅଧିକାରୀ ଥିଲେ ତାଙ୍କ ସାହସ, ଦକ୍ଷତା ଓ ନିର୍ଭୀକତା ଯୋଗୁଁ ଛାତ୍ର ଛାତ୍ରୀ ବିଶୃଙ୍ଖଳା କରିବା ପାଇଁ ସାହସ କରୁନଥିଲେ । କଲେଜପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା ବୋଲି ବକ୍ତବ୍ୟ ଦେଇଥିଲେ । ଷ୍ଟାଫ୍ ସେକ୍ରେଟାରୀ ଅଧ୍ୟାପକ ବନମାଳୀ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ନରେନ୍ଦ୍ର ଦିଗାଲଙ୍କୁ ମାନପତ୍ର, ଫୁଲତୋଡ଼ା, କିଛି ସ୍ମୃତିର ଉପହାର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ଦିଗାଲ ଦୀର୍ଘ ଚାକିରୀ ଜୀବନର ସ୍ମୃତିକୁ ରୋମନ୍ଥନ କରି କଲେଜର ସୁନାମ ରଖିବା ପାଇଁ ସମସ୍ତ କର୍ମଚାରୀଙ୍କୁ ଅନୁରୋଧ କରିଥିଲେ । ଅଧ୍ୟାପକ ବିରୂପାକ୍ଷ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ପ୍ରାକ୍ତନ ଅଧ୍ୟକ୍ଷ ମହାନ୍ତି ସାର୍, ଦିଗାଲ ସାର୍ ଏବଂ ରାମ ବିଶ ସାର୍ କଲେଜର ସମୃଦ୍ଧି ଓ ବିକାଶରେ ଅମସହ ସର୍ବଦା ରହିବେ ବୋଲି ଅନୁରୋଧ କରିଥିଲେ ।

ବୋଡ଼େନ ବ୍ଲକକୁ ମିଳିଲେ ନୂତନ ବିଡ଼ିଓ, ଚିନ୍ମୟ ଶଗରିଆଙ୍କ ଯୋଗଦାନ

ବୋଡ଼େନ, ୦୧/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକରେ ଦୀର୍ଘ ଚାରିମାସ ଧରି ସ୍ଥାୟୀ ବିଡ଼ିଓ ନଥିବା ବେଳେ ଶେଷରେ ନୂତନ ବିଡ଼ିଓ ଭାବେ ଚିନ୍ମୟ ଶଗରିଆ ଆଜି ବୋଡ଼େନ ପଂଚାୟତ ସମିତି କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି । ପୂର୍ବତନ ବିଡ଼ିଓ ସୁଶାନ୍ତ ରଣାଙ୍କ ବଦଳି ପରେ ବୋଡ଼େନ ବ୍ଲକରେ କୌଣସି ସ୍ଥାୟୀ ବିଡ଼ିଓ ନିଯୁକ୍ତ ହୋଇନଥିଲେ । ଏହି ସମୟରେ ସିନାପାଲି ବିଡ଼ିଓ କର୍ମୀ ଓରାମ ଅତିରିକ୍ତ ଦାୟିତ୍ୱ ନେଇ ବୋଡ଼େନ ବ୍ଲକର କାର୍ଯ୍ୟ ସମ୍ଭାଳୁଥିଲେ । ଆଜି ଚିନ୍ମୟ ଶଗରିଆ ନୂତନ ବିଡ଼ିଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବ୍ଲକର ପ୍ରଶାସନିକ କାର୍ଯ୍ୟ ଅଧିକ ସୁଚାରୁ ଭାବେ ପରିଚାଳିତ ହେବ ବୋଲି ଆଶା ପ୍ରକାଶ ପାଉଛି । ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ବିକାଶମୂଳକ କାର୍ଯ୍ୟରେ ଏହା ଗତି ଆଣିବ ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି ।

ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବିଏଲଓଙ୍କ ଘରକୁ ଘର ପରିଦର୍ଶନ

ପୁରୀ, ୦୧/୦୬ (ଆ.ପ୍ର) : ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର କାର୍ଯ୍ୟ ଆରମ୍ଭ ହୋଇ ଯାଇଥିବା ବେଳେ ବିଏଲଓ ବା ବୁଥ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ପରିଦର୍ଶନ କରି ଭୋଟର ମାନଙ୍କୁ ସଚେତନ ଓ ସହାୟତା କରୁଛନ୍ତି । ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟ । ତେଣୁ ଭୋଟର ମାନେ ସେମାନଙ୍କ ପରିବାରର ସଠିକ ତଥ୍ୟ ଯଥା ୧୮ ବର୍ଷ ବା ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ଯୋଗ କରିବା, ମୃତ, ସ୍ଥାନାନ୍ତର, ବିବାହ ଇତ୍ୟାଦି କ୍ଷେତ୍ରରେ ନାମ ବାଦ ଦେବା, ପରିଚୟ ପତ୍ର ରେ ତ୍ରୁଟି ଥିଲେ ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିପାରିବେ । କାର୍ଯ୍ୟସୂଚୀ ଅନୁସାରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ମଇ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ପରିଦର୍ଶନ କରିବା କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି । ଜୁନ ୨୮ ତାରିଖ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ଯୁକ୍ତି ସଂଗତ ପୁନର୍ବିନ୍ୟାସ କରାଯିବ । ଜୁଲାଇ ୫ ତାରିଖ ରେ ଖସଡା ଭୋଟର ତାଲିକା ପ୍ରକାଶ କରାଯିବ । ଦାବି ଓ ଆପତ୍ତି ଦାଖଲ ସମୟ ସୀମା ଜୁଲାଇ ୫ ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ, ଦାବି ଓ ଆପତ୍ତି ର ନିଷ୍ପତି ଗ୍ରହଣ କରାଯିବ । ସେପ୍ଟେମ୍ବର ୬ ତାରିଖରେ ଚୂଡାନ୍ତ ଭୋଟର ତାଲିକାରେ ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି । ପୁରୀ ଜିଲ୍ଲାରେ ୧୬୦୯ ଜଣ ବିଏଲଓ ମାନେ ଭୋଟର ମାନଙ୍କ ଘରକୁ ଘର ପରିଦର୍ଶନ କରୁଛନ୍ତି । ଏ କ୍ଷେତ୍ରରେ ୧୬୧ ଜଣ ସୁପରଭାଇଜର ସେମାନଙ୍କୁ ସହଯୋଗ ଓ ପରାମର୍ଶ ଦେଉଛନ୍ତି । ବିଏଲଓ ମାନେ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ କରିବା ସହ ଭୋଟର ମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଉଛନ୍ତି । ଫର୍ମ ପୂରଣ ପରେ ବିଏଲଓ ମାନେ ଭୋଟରଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରି ଭୋଟର ମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକନଲେଜମେଂଟ ରସିଦ ପ୍ରଦାନ କରିବେ । ଏ ସମସ୍ତ କାର୍ଯ୍ୟରେ ଜିଲ୍ଲାର ସମସ୍ତ ଭୋଟର ସହଯୋଗ କରିବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅନୁରୋଧ କରିଛନ୍ତି ।

ମଦ ମୁକ୍ତ ଗାଁ ଗଠନ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର

ନବରଙ୍ଗପୁର, ୦୧/୦୬ (ଆ.ପ୍ର) : ନନ୍ଦାହାଣ୍ଡି ବ୍ଲକ ମେଂଟ୍ରି ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ମଦ ମୁକ୍ତ ଗାଁ ଗଠନ କରିବା ନେଇ ଆଜି ଜିଲ୍ଲାପାଳଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତ । ଆଜି ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲିଥିବା ବେଳେ ମେଂଟ୍ରି ଗ୍ରାମର ଶତାଧିକ ମହିଳା ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କୁ ଅଭିଯୋଗ କରିଛନ୍ତି । ଆଖପାଖ ଗ୍ରାମ ମାନଙ୍କରେ ମଦ ବନ୍ଦ କରାଯାଇ ଥିବା ବେଳେ ଆମ ଗ୍ରାମରେ ମଦ ବିକ୍ରି କରାଯାଉଛି ଯାହା ଫଳରେ ଲୋକେ ମଦ ପିଇ ଦୁର୍ଘଟଣା ଘଟୁଛି । ମଦ ପିଇ ପରିବାର ବିଚ୍ଛେଦ ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ମହିଳା ମାନେ ଅଭିଯୋଗ କରିଛନ୍ତି । ପରିବାର ସର୍ବଶାନ୍ତ ହୋଇ ଯାଉଛି । ଗୋଟିଏ ମା ପୁଅକୁ ହରାଉଛି ଜଣେ ସ୍ତ୍ରୀ ତା ସ୍ୱାମୀଙ୍କୁ ହରାଉଛି । ମଦ ବନ୍ଦ ହେଲେ ସବୁ ଠିକ ହୋଇଯିବ ବୋଲି ଅଭିଯୋଗ କରିଛନ୍ତି । ଗ୍ରାମ ରେ ସବୁ ଦିନ ପାଇଁ ମଦ ବନ୍ଦ କରିବାକୁ ଦାବୀ କରିଛନ୍ତି । ଯଦି ନ କରନ୍ତି ଆଗାମୀ ଦିନରେ ଗ୍ରାମର ମହିଳା ଆଇନ କୁ ହାତକୁ ନେବୁ ବୋଲି ଚେତାବନୀ ଦେଇଛନ୍ତି । ଏହି ଅଭିଯୋଗ ଶୁଣି ଜିଲ୍ଲା ପାଳ ଶ୍ରୀ ସ୍ୱାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମର ୨୦୦ ଶହ ମହିଳା ଏଥିରେ ଉପସ୍ଥିତ ରହିଥିଲେ । ଏହି ଅଭିଯୋଗର ନକଲ ଜିଲ୍ଲା ଅବକାରୀ ବିଭାଗ, ନବରଙ୍ଗପୁର ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ଏହି ପତ୍ର ପ୍ରଦାନ କରାଯାଇ ଥିବା ସୂଚନା ଦେଇଛନ୍ତି ।

ଶୀତଳଷଷ୍ଠୀ ଯାତ୍ରା ପାଇଁ ଶୁଭଖୁଂଟି ସ୍ଥାପନ

ଜି. ଉଦୟଗିରି, ୦୧/୦୬ (ଆ.ପ୍ର) : ଚଳିତ ବର୍ଷ ଶୀତଳଷଷ୍ଠୀ ଯାତ୍ରା ପାଳନ ନିମନ୍ତେ ଗାନ୍ଧୀ ଛକ ସ୍ଥିତ ଦୁର୍ଗା ମଣ୍ଡପ ଠାରେ ଶୁଭଖୁଂଟି ସୋମବାର ସ୍ଥାପନ କରାଯାଇଛି । ମହାଦେବ ଆନନ୍ଦେଶ୍ୱର ଏବଂ ଧବଳେଶ୍ୱର ମନ୍ଦିର ପକ୍ଷରୁ ମିଳିତ ଭାବେ ଏହି ଯାତ୍ରା ଆୟୋଜନ ହେଉଛି । ଶୁଭ ଖୁଂଟି ସ୍ଥାପନ ନିମନ୍ତେ ବରିଷ୍ଠ ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ସୁଧାଂଶୁ ଶେଖର ଆଚାର୍ଯ୍ୟ ଏବଂ ସଞ୍ଜୟ ଆଚାର୍ଯ୍ୟ ପୂଜା ପାଠ ହୋମ ଯଜ୍ଞ କରି ବିଶ୍ୱ ମଙ୍ଗଳ କାମନା ସହ ଶୁଭଖୁଂଟି ସ୍ଥାପନ କରାଯାଇଥିଲା । ଶୀତଳଷଷ୍ଠୀ ଯାତ୍ରା ଚଳିତ ମାସ ୧୭ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଗୁଆ ଅନୁକୂଳ, ଶିବ ବିବାହ, ମହାପ୍ରଭୁଙ୍କ ସହର ପରିକ୍ରମଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ସୂଚନା ମିଳିଛି । ଶୁଭଖୁଂଟି ସ୍ଥାପନା ସମୟରେ ଉଭୟ ମନ୍ଦିର ପରିଚାଳନା କମିଟି ସଦସ୍ୟ ଜବାହାରଲାଲ ପରିଚ୍ଛା, ଶରଣ ପଞ୍ଚାର ମାଝୀ, କେ. ସୂର୍ଯ୍ୟନାରାୟଣ ପାତ୍ର,ଏସ. ଅଶୋକ ପାତ୍ର, ଜିତୁ ଦାସ, ମାଧବ ମହାପାତ୍ର, ଶେଖର ପରିଚ୍ଛା, ପ୍ରଶାନ୍ତ ମୁନି, ମଙ୍କୁ ମାଝୀ ସମେତ ବହୁ ସଭ୍ୟ ଗ୍ରାମବାସୀ ଉପସ୍ଥିତ ରହି ଶୁଭଖୁଂଟି ସ୍ଥାପନା ହୋଇଥିଲା । କାର୍ଯ୍ୟକ୍ରମରେ ଆନନ୍ଦେଶ୍ୱର ମନ୍ଦିର ମାଳି ବିଜୟ ରଣା, ଧବଳେଶ୍ୱର ମନ୍ଦିର ମାଳି ସନ୍ତୋଷ ମୁନି ଉପସ୍ଥିତ ଥିବା ବେଳେ ଚିନ୍ତାମଣି ବାରିକ, ସନ୍ତୋଷ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ ।

ଟ୍ୟୁଙ୍କିଲ୍ ଷ୍ଟାର ନୃତ୍ୟ ଏକାଡେମୀର ବାର୍ଷିକ ଉତ୍ସବ କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ

ଅସ୍ତରଙ୍ଗ, ୦୧/୦୬ (ଆ.ପ୍ର) : ଅସ୍ତରଙ୍ଗ ଅଂଚଳରେ ଛୋଟ ପିଲାଙ୍କ ମୁହଁରେ ହସ ଫୁଟାଇବା ଓ ନୂଆ କଳାକାର ସୃଷ୍ଟି ପାଇଁ ଗଢିଉଠିବା ଟ୍ୟୁଙ୍କିଲ୍ ଷ୍ଟାର ନୃତ୍ୟ ଏକାଡେମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜାଗୁଳେଇ ପଡିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଶୁଆ କଲ୍ୟାଣପୁର ଆଧ୍ୟାତ୍ମିକ ଗୁରୁ ବାବା ପଦ୍ମରାମ ଦାସମହାରାଜ, ଆଧ୍ୟାତ୍ମିକ ବକ୍ତା ଏବଂ ପ୍ରବଚକ ବାବା ଦିବାକର ଦାସ,ବିଶିଷ୍ଟ ଅତିଥି ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ, ମୁଖ୍ୟ ବକ୍ତା ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚିତ୍ରନାଟ୍ୟ ଓ ଗୀତିକାର ଡ଼.ରଜନୀ ରଞ୍ଜନ, ସମ୍ମାନିତ ବକ୍ତା ସମ୍ବାଦ ସାହିତ୍ୟିଘର ସମ୍ପାଦକ ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ, ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ ସରପଂଚ ରାମଚନ୍ଦ୍ର ଜାଣି, ଅନ୍ତର୍ଜାତୀୟ ସମ୍ମାନ ପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା ଶେଖ୍ ଗୁଲଜାର୍ ହୁସେନ୍, ସମାଜସେବୀ ଦୁଷ୍ମନ୍ତ ପରିଡା ଓ ଅନୁଷ୍ଠାନର ସଭାପତି ସତ୍ୟବ୍ରତ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ପ୍ରଭୁ ଜଗନ୍ନାଥ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ମଂଚାସୀନ ଅତିଥିମାନେ ଶିକ୍ଷାଅଧିନା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । ଆଧ୍ୟାତ୍ମିକ ଗୁରୁ ଶିକ୍ଷା, ଓଡ଼ିଶାର କଳା ସଂସ୍କୃତିକୁ ଉଦ୍ଜୀବିତ ପାଇଁ ହେଲେ ନୂଆ ନୂଆ କଳାକାର ଉଦ୍ଭାବନ ହେବା ସମେତ ସମସ୍ତଙ୍କର ସହଯୋଗ ରହିବା ଆବଶ୍ୟକ ବୋଲି ମତ ରଖିଥିଲେ । କଳାକାରଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରି ମାର୍ଗ ଦର୍ଶନ ଦେଇଥିଲେ । ୨୦୨୧ରୁ ଗ୍ରାମାଂଚଳରେ ଗଢି ଉଠିବା ଏହି ଅନୁଷ୍ଠାନ ଓ ଏହାର ମୁଖ୍ୟ ପରିଚାଳକ କ୍ୟାସୃତି ଆଚାର୍ଯ୍ୟଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ସଭାକାର୍ଯ୍ୟ ପରେ ଅନୁଷ୍ଠାନରେ ଶିକ୍ଷାଧିନ ଓ ପୁରାତନ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଧୁନିକ ଲାଇଟ୍ ଓ ସାଉଣ୍ଡ ତାଳେ ତାଳେ ପିଲାଙ୍କ ଦ୍ୱାରା ଦୀର୍ଘ ସମୟ ଧରି ନୃତ୍ୟଗୀତ ଓ ସୁନ୍ଦର କଳା ପ୍ରଦର୍ଶନକୁ ଦର୍ଶକମାନେ ଉପଭୋଗ କରିବାକୁ ଭିଡ ଜମାଇଥିଲେ । ଶେଷରେ ଅତିଥିଙ୍କ ଦ୍ୱାରା ଗ୍ରହଣରେ ସମସ୍ତ କଳାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

୫ଦଫା ଦାବି ନେଇ ଓଏମସି ଗେଟ୍‌ରେ ତାଲା ପକାଇଲେ ସୁରକ୍ଷାକର୍ମୀ

ବଣାଇ, ୦୧/୦୬ (ଆ.ପ୍ର) : ଖରା, ବର୍ଷା ଶୀତ କାକରକୁ ଖାତିର ନ କରି ଖଣିକୁ ସୁରକ୍ଷା ଦେଲେ । ଅପ୍ରୀତିକର ପରିସ୍ଥିତିର ମୁକାବିଲା କରି ନିଜ ଜୀବନକୁ ବାଜି ଲଗାଇ ଛିଡା ହୋଇ ରହିଲେ । ହେଲେ ଆଜି ନିଜ ସୁରକ୍ଷା ପାଇଁ ଅଲୋଡା ସାଜିଲେ ନିଜେ ସୁରକ୍ଷାକର୍ମୀ । ସୁନ୍ଦରଗଡ଼ ମାଇନ୍ସ ଏଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ଓଏମ୍‌ସି ଅଧୀନରେ କାର୍ଯ୍ୟରତ ଶହଶହ ସୁରକ୍ଷାକର୍ମୀ ସୋମବାର ଓଏମ୍‌ସି କୋଇଡା କାର୍ଯ୍ୟାଳୟ ସମ୍ମୁଖରେ ପତାକା ଓ ବ୍ୟାନର ଧରି ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏପରିକି ୫ ଦଫା ଦାବି ନେଇ ଓଏମସି ଗେଟ୍‌ରେ ତାଲା ପକାଇ ଆନ୍ଦୋଳନକୁ ଜୋରଦାର କରିଛନ୍ତି । ବିଭିନ୍ନ ଦାବି ନେଇ ବିଭିନ୍ନ ସମୟରେ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନକୁ ଓହ୍ଲାଇଥିବା ସୁରକ୍ଷାକର୍ମୀ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୁରକ୍ଷାକର୍ମୀ ଚେତାବନୀ ଦେଇଛନ୍ତି ।

ନାବାଳକ ବାଳକଙ୍କୁ ଚାପୁଡ଼ା ମାରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ



ପୁରୀ, ୦୧/୦୬ (ଆ.ପ୍ର) : ପ୍ରାୟ ଛଅ ଦିନ ପୂର୍ବରୁ କାକଟପୁର ନୂତନ ବସ୍‌ଷ୍ଟାଣ୍ଡ ଅଂଚଳରେ ଘଟିଥିବା ଏକ ଘଟଣାର ଭିଡିଓ ସମ୍ପ୍ରତି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଭିଡିଓରେ ଜଣେ ବ୍ୟକ୍ତି ଜଣେ ନାବାଳକ ବାଳକଙ୍କୁ ଚାପୁଡ଼ା ମାରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଘଟଣା ସମ୍ପର୍କରେ କାକଟପୁର ଥାନା ପକ୍ଷରୁ ତୁରନ୍ତ ଅନୁସନ୍ଧାନ କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଛି ଯେ, ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆସଣା ଗ୍ରାମର ସନ୍ତୋଷ କୁମାର ଜେନା (୪୬) ନାମକ ଜଣେ ଦୋକାନୀ ଉକ୍ତ ନାବାଳକ ବାଳକଙ୍କୁ ଦୁଇଥର ଚାପୁଡ଼ା ମାରିବା ସହ ଧମକ ଦେଇଥିଲେ । ବାଳକଟି ତାଙ୍କ ଦୋକାନରୁ କିଛି ସାମଗ୍ରୀ ନେବାକୁ ଚେଷ୍ଟା କରୁଥିବା ବେଳେ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ନାବାଳକ ବାଳକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ଘଟଣାକୁ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମାନ୍ୟବର ବିଚାରାଳୟରେ ପ୍ରସିକ୍ୟୁସନ୍ ରିପୋର୍ଟ ଦାଖଲ କରାଯାଇଛି । ନାବାଳକ ବାଳକଙ୍କ ପରିଚୟ ଚିହ୍ନଟ କରିବା ଏବଂ ତାଙ୍କ ପିତାମାତା କିମ୍ବା ଅଭିଭାବକଙ୍କ ସହ ଯୋଗାଯୋଗ ସ୍ଥାପନ କରିବା ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି ।

ଟେଟ୍ରାହେଡ୍ରନ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ବିଶାଳ ରକ୍ତଦାନ ଶିବିର

ଟାଙ୍ଗୀ-ଚୌଦ୍ୱାର, ୦୧/୦୬ (ଆ.ପ୍ର) : ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତର ଅଭାବ ଦେଖାଦେଇଥିବା ବେଳେ ଏହାକୁ ଦୂର କରିବା ପାଇଁ ଟେଟ୍ରାହେଡ୍ରନ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଛି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କନ୍ଦ୍ରେଇପୁର ପଂଚାୟତର ଭଗତପୁର କଲ୍ୟାଣ ମଣ୍ଡପରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଦିନକୁ ଦିନ ରକ୍ତ ସଙ୍କଟ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟସ୍‌ର ଅଧ୍ୟକ୍ଷ ତ୍ରିଦେବ ବେହେରା ଏବଂ ତାଙ୍କ ଧର୍ମପତ୍ନୀ ତଥା କେନ୍ଦ୍ରୀୟ ରକ୍ତ ଭଣ୍ଡାର ରେଡକ୍ରସର କଟକ ଜିଲ୍ଲା ସଂଯୋଜିକା ଡ଼.ସସ୍ମିତା ପଟ୍ଟନାୟକ ରକ୍ତସଙ୍କଟ ଦୂରୀକରଣ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଶିବିରରେ କଟକ ରେଡକ୍ରସ ପକ୍ଷରୁ ଅଭିଜ୍ଞ ଡାକ୍ତରୀ ଦଳ ଯୋଗଦେଇ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ମୋଟ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ପଂଚାୟତର ବହୁ ମହିଳା ଓ ପୁରୁଷ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଉତ୍କୃଷ୍ଟ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ । (ଏମ୍ ବି ବି ଏସ୍)କ୍ରିକେଟ କ୍ଲବ ଏବଂ ମା' ଦୁର୍ଗା ନାଟ୍ୟକଳା ପରିଷଦ, ଭଗତପୁରର ଯୁବକମାନଙ୍କ ସହଯୋଗରେ ଏହି ଶିବିର ସଫଳତାର ସହ ଆୟୋଜିତ ହୋଇଥିବା ବେଳେ କ୍ଲବର ମୁଖ୍ୟ ବିଶ୍ୱଜିତ୍ ଅଂଚଳଙ୍କ ପରିଚାଳନାରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଦୀନବନ୍ଧୁ ନାଥ, ହିମାଂଶୁ କୁମାର ସାହୁ, ରବିନାରାୟଣ ପଣ୍ଡା, ପପୁ ଅଂଚଳ, ସନ୍ଦୀପ ଜେଠୀ, ସୁକାନ୍ତ ମହାରଣା, ଶୁଭମ ବେଜ, ସନ୍ତୋଷ କୁମାର ସାହୁ, ପ୍ରଦ୍ୟୁମ୍ନ ସ୍ୱାଇଁ ଏବଂ ଚୌଧୁରୀ ମାନସ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଆଗାମୀ ଦିନରେ ରକ୍ତ ସଙ୍କଟ ଦୂର କରିବା ପାଇଁ ଏଭଳି ରକ୍ତଦାନ ଅଭିଯାନକୁ ଆହୁରି ବ୍ୟାପକ କରାଯିବ ବୋଲି ଡ଼. ସସ୍ମିତା ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ସ୍ଥାୟୀ ପଟ୍ଟା ଓ ଉପଯୁକ୍ତ କ୍ଷତିପୂରଣ ପାଇଁ ଆନ୍ଦୋଳନ

ଦଶପଲ୍ଲା, ୦୧/୦୬ (ଆ.ପ୍ର) : କୁଆଁରିଆ ଜଳ ଭଣ୍ଡାର ଓ ପରେ ରେଲୱେ ଲାଇନ୍ ପାଇଁ ନିଜର ବାସସ୍ଥାନ ହରାଇ ବିସ୍ଥାପିତ ହୋଇଥିବା ପରିବାର ଗୁଡିକ ଦାବି ପୂରଣ ପାଇଁ ଆଜି ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସ୍ଥାୟୀ ପଟ୍ଟା ଓ ଉପଯୁକ୍ତ କ୍ଷତିପୂରଣ ପାଇଁ ସେମାନେ ଦାବି କରିଛନ୍ତି । ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ ଘଟଣା ସ୍ଥଳରେ ପହଂଚି ଆଲୋଚନା କରି ଫେରିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଆନ୍ଦୋଳନ ପ୍ରତ୍ୟାହୃତ ହୋଇନଥିବା ଜଣାପଡିଛି । ସୂଚନା ଯୋଗ୍ୟ ଯେ, ଫେବୃଆରୀ ୨୭ ତାରିଖରେ ଦଶପଲ୍ଲା ତହସିଲ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ଆନ୍ଦୋଳନକାରୀ ପ୍ରତିନିଧି ମଣ୍ଡଳୀର ମିଳିତ ବୈଠକ ଅନୁଷ୍ଠିତ ହୋଇ ତିନି ମାସ ମଧ୍ୟରେ ସବିଶେଷ ତର୍ଜମା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା ।

ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୯୮ ତମ ଜୟନ୍ତୀ ପାଳିତ

ଜଗତସିଂହପୁର, ୦୧/୦୬ (ଆ.ପ୍ର) : ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୯୮ତମ ଜୟନ୍ତୀ ଉତ୍ସବ ଜନ୍ମ ସ୍ଥାନ ସମଙ୍ଗ ଗ୍ରାମରେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବକୁ ସ୍ଥାନୀୟ ବିଧାୟକ ତଥା ଅଧ୍ୟକ୍ଷ ଜିଲ୍ଲା ଯୋଜନା ବୋର୍ଡ଼ ଅମରେନ୍ଦ୍ର ଦାସ ଉଦଘାଟନ କରିବା ସହିତ ଅଭିଭାଷଣ କ୍ରମରେ ଜଗତସିଂହପୁର ଜିଲ୍ଲାକୁ ଯାତ୍ରା ଜଗତରେ ଏକ୍ସୁଡ଼ିଶାଳ ବୋଲି କହିବା ସହିତ ଓଡ଼ିଆ ଯାତ୍ରା ଜଗତକୁ ଋଦ୍ଧିମନ୍ତ କରିଥିଲା ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ଅଭିନୟ ଓ ନିର୍ଦ୍ଦେଶନା, ତାଙ୍କର ଯାତ୍ରା ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍ମୃତି ପରିଷଦର ପାରିପାର୍ଶ୍ୱିକ ଉନ୍ନତି କରଣ ନିମନ୍ତେ ବିଧାୟକ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟ ପୁରସ୍କାର ପ୍ରାପ୍ତ କୃତୀ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ପୂର୍ବତନ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂର୍ଯ୍ୟ ରଞ୍ଜନ ମହାନ୍ତି, ନାଟ୍ୟକାର ଓ ନିର୍ଦ୍ଦେଶକ ଇଂ ଆଶୁତୋଷ ମହାପାତ୍ର ଓ ଜଗତସିଂହପୁର ପୌରପରିଷଦର ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇ ଅଭିଭାଷଣ ରଖିଥିଲେ । ପରିଷଦର ବରିଷ୍ଠ ସଦସ୍ୟ ବିଜନ ମହାପାତ୍ର ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିବା ବେଳେ ଯୁଗ୍ମ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଓ ସମ୍ପାଦକ ତପନ କୁମାର ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଇଂ ଯୋଗେନ୍ଦ୍ର ମଲ୍ଲିକ, ନିର୍ଦ୍ଦେଶକ ସାରଦା ରଣା, ବରିଷ୍ଠ ଅଭିନେତା ରବି ଦାସ, ହସ୍ୟାଭିନେତା ପ୍ରଭାକର ସାହୁ(ଟଗର), ଅଭିନେତା ପୀୟୁଷ ତ୍ରିପାଠୀ, ଅଭିନେତା ସୁଭାଶିଷ ମହାପାତ୍ର(ବବୁଲ), ଅଭିନେତ୍ରୀ ରାଧା ପଣ୍ଡା, ବିନୋଦିନୀ ମହାନ୍ତି, କରୁଣାସିନ୍ଧୁ ବେହେରା ପ୍ରମୁଖ ପ୍ରତିଭା ମାନଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଉପ ସଭାପତି ଅଶୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗୌର ଚନ୍ଦ୍ର ପଣ୍ଡା,ସମୀର ପଟ୍ଟନାୟକ, ଅରୁଣ କୁମାର ରାଉତରାୟ, ଶୁଭେନ୍ଦୁ ସ୍ୱାଇଁ, ଶ୍ରୀକାନ୍ତ ରାଉତରାୟ ସତ୍ୟକାନ୍ତ ଜେନା, ବିଜୟ ବଡ଼ିଆ, ତରୁଣ କୁମାର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ ।

ଯାଜପୁର ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୦୧/୦୬ (ଆ.ପ୍ର) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମର କୁମାର ଜର ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୩୧୧ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୫୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୬ ଗୋଟି ରେଡକ୍ରସ ପାଣ୍ଠିରୁ ୦୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୧୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବିନାରାୟଣ ପାତ୍ରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

ବିନ୍ଦୁମିନା ଫାଉଣ୍ଡେସନ ଦ୍ୱାରା ଛତା, ଚପଲ ବଂଟନ

ଧର୍ମଗଡ଼, ୦୧/୦୬ (ଆ.ପ୍ର) : ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଲେଦେର ଗ୍ରାମ ପଂଚାୟତ ର ଅସହାୟ ଗରିବ ବୃଦ୍ଧ ବୃଦ୍ଧା, ଦିବ୍ୟାଙ୍ଗ, ବିଧବା ମାଁ ମାନଙ୍କୁ 'ଭୀଷଣ ଖରା ଓ ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି ବିନ୍ଦୁମିନା ସେବା ଫାଉଣ୍ଡେସନ' ତରଫରୁ ଆଜି ୬୭୦ ଜଣଙ୍କୁ ଛତା ଚପଲ ବଂଟନ କରାଯାଇ ଥିଲା । ବଂଟନ କାର୍ଯ୍ୟକ୍ରମ ରେ ଫାଉଣ୍ଡେସନ ର ଅଧ୍ୟକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦାନ ଦେଇଥିବା ବେଳେ ଜୟନ୍ତ ସିଂ, ଜୟରାମ ସାହୁ, ଲଳିତ ମଙ୍ଗରାଜ, ସଂଜୀବ ନିଆଲ, ବାଲକୃଷ୍ଣ ପଟେଲ, କୁରୁକ୍ଷେତ୍ର ବାଗ, ମନୋଜ ଅଗ୍ରୱାଲ, ଜୟକୃଷ୍ଣ ସାହୁ, ବିଶି କେଶନ ଜୋଟିଶ, ସମିତି ସଭ୍ୟା ସପୁରି ଭୋଇ, ଗଣେଶ ସାହୁ ସମେତ ଅନ୍ୟାନ୍ୟ ପ୍ରମୁଖ ଯୋଗଦାନ ଦେଇ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଏମିତି ଚାଲୁ ରହିବ ବୋଲି ଫାଉଣ୍ଡେସନ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ କହିଥିଲେ । ଏଭଳି ମାନବୀୟ କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ବେଶ ପ୍ରଶଂସା କରିଛନ୍ତି ।

ସ୍ୱଦେଶୀ ଜାଗରଣ ମଂଚ, ନୟାଗଡ଼ ପକ୍ଷରୁ ପ୍ରେସ ମିଟ୍ ଅନୁଷ୍ଠିତ

ଦଶପଲ୍ଲା, ୦୧/୦୬ (ଆ.ପ୍ର) : ଦଶପଲ୍ଲା ଏନ୍ଏସି ଅନ୍ତର୍ଗତ ହନୁମାନ ବଜାର ନିକଟସ୍ଥ ମହାବୀର ବଣିକ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ସ୍ୱଦେଶୀ ଜାଗରଣ ମଂଚ ଓ ସ୍ୱାବଲମ୍ବୀ ଭାରତ ଅଭିଯାନ, ନୟାଗଡ଼ ପକ୍ଷରୁ "ଭାରତର ଶକ୍ତି ସଙ୍କଟ" ବିଷୟକୁ ନେଇ ଏକ ପ୍ରେସ ବାର୍ତ୍ତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗଠନର ବହୁ କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ । ପ୍ରେସ ବାର୍ତ୍ତାରେ ବକ୍ତାମାନେ ଭାରତର ବର୍ତ୍ତମାନ ଶକ୍ତି କ୍ଷେତ୍ରର ସ୍ଥିତି, ବଢୁଥିବା ଶକ୍ତି ଚାହିଦା ଏବଂ ଏହାର ସମ୍ଭାବ୍ୟ ସଙ୍କଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେମାନେ କହିଥିଲେ ଯେ, ଦେଶର ଆର୍ଥିକ ବିକାଶ ଓ ଶିଳ୍ପାୟନ ସହିତ ଶକ୍ତିର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ଶକ୍ତି ସମ୍ପଦର ସୁପରିଚାଳନା ଏବଂ ବିକଳ୍ପ ଶକ୍ତି ଉପର ବିକାଶ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି । ବକ୍ତାମାନେ ନବୀକରଣଯୋଗ୍ୟ ଶକ୍ତି, ସୌର ଶକ୍ତି, ପବନ ଶକ୍ତି ଓ ସ୍ୱଦେଶୀ ସମ୍ପଦର ସର୍ବାଧିକ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସେମାନଙ୍କ ମତରେ, ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ହାସଲ କରିବା ଦ୍ୱାରା ଭାରତ ଭବିଷ୍ୟତର ସମ୍ଭାବ୍ୟ ଶକ୍ତି ସଙ୍କଟକୁ ସଫଳତାର ସହ ମୁକାବିଲା କରିପାରିବ । ଏହି ଅବସରରେ ସ୍ୱଦେଶୀ ଜାଗରଣ ମଂଚ ଓ ସ୍ୱାବଲମ୍ବୀ ଭାରତ ଅଭିଯାନର ପ୍ରତିନିଧିମାନେ ଦେଶବାସୀଙ୍କୁ ଶକ୍ତି ସଂଚୟ, ସ୍ଥାନୀୟ ସମ୍ପଦର ବ୍ୟବହାର ଏବଂ ସ୍ୱଦେଶୀ ଉତ୍ପାଦକୁ ପ୍ରାଧାନ୍ୟ ଦେବାକୁ ଆହ୍ୱାନ ଜଣାଇଥିଲେ । କାର୍ଯ୍ୟକ୍ରମ ଶେଷରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ମତବିନିମୟ କରାଯାଇଥିଲା ଏବଂ ବିଭିନ୍ନ ପ୍ରଶ୍ନର ଉତ୍ତର ଦିଆଯାଇଥିଲା । ସଭାରେ ନୟାଗଡ଼ ଜିଲ୍ଲା ସ୍ୱଦେଶୀ ଜାଗରଣ ମଂଚ ସଂଯୋଜକ ହୃଷିକେଶ ବାରିକ, ଜିଲ୍ଲା ପୂର୍ବକାଳୀନ ହୃଷିକେଶ ପ୍ରଧାନ ଏବଂ ଜିଲ୍ଲା ଯୁବ ପ୍ରମୁଖ ଉତ୍ତରାଜ ସାମଲ ପ୍ରମୁଖ ଗଣମାଧ୍ୟମର ପ୍ରତିନିଧିଙ୍କୁ ସଚେତନତାମୂଳକ କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ଶକ୍ତି ସଂଚୟ ଓ ଆତ୍ମନିର୍ଭର ଭାରତ ଗଠନର ସନ୍ଦେଶ ପହଂଚାଇବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ ।

ଖୁଟୁଲୁଗୁଡା ମାଁ ମାଉଳି କ୍ରିକେଟ ପ୍ରତିଯୋଗିତା ରଣମାଲକୁ ପରାସ୍ତ କରି ନାଇକଷିଗୁମା ଚମ୍ପିୟାନ

ଧର୍ମଗଡ଼, ୦୧/୦୬ (ଆ.ପ୍ର) : କୋକସରା ବ୍ଲକ ଅନ୍ତର୍ଗତ ଖୁଟୁଲୁଗୁଡା ମାଁ ମାଉଳି କ୍ରିକେଟ କ୍ଲବର ବାର୍ଷିକ ସମର କ୍ରିକେଟ ପ୍ରିମୀୟର -୨୦୨୬ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ରଣମାଲ ଓ ନାଇକଷିଗୁମା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ନାଇକଷିଗୁମା ଟସ୍ ଜିତି ବେଟିଂ କରି ୧୦ ଓଭର ରେ ୯୦ ରନ ସଂଗ୍ରହ କରିଥିଲେ । ୯୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ରଣମାଲ ଦଳ ୧୦ ଓଭର ରେ ୬୦ ରନ କରି ଦଳ ପରାଜୟ ବରଣ କରିଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବବ୍ରତ ରଥ, ବିଶିଷ୍ଟ ଅତିଥି ଦୀନବନ୍ଧୁ ବିହାରୀ, ସମ୍ମାନିତ ଅତିଥି ଭାବେ ଶଲ୍ୟ କୁମାର ଶବର, ଦୀନବନ୍ଧୁ ବିହାରୀ ପ୍ରମୁଖ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରି ବିଜେତା ଦଳକୁ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରିଥିଲେ । ପ୍ରତିଯୋଗୀତାକୁ ମାଁ ମାଉଳି କ୍ରିକେଟ କ୍ଲବ ଖୁଟୁଲୁଗୁଡା ର ସଭାପତି ରମାକାନ୍ତ ମାଝୀ, ସଂପାଦକ ଜନ୍ମେଜୟ ଦଳପତି, କୋଷାଧ୍ୟକ୍ଷ ଅଶୋକ ଭଇଁସାଇ, ଦୁଷ୍ମନ୍ତ ବଦାଇଛୋଡ ଏବଂ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ରାଜଘରପୋଖରି ମାର୍କେଟ କମ୍ପ୍ଲେକ୍ସ ଲିଜ୍ ପ୍ରଦାନରେ ଅନିୟମିତତା ଅଭିଯୋଗ

ବାସୁଦେବପୁର, ୦୧/୦୬ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରି ଗ୍ରାମ ପଂଚାୟତରେ ଥିବା ୨୦ଟି ମାର୍କେଟ କମ୍ପ୍ଲେକ୍ସ ଘରର ଲିଜ୍ ପ୍ରଦାନକୁ ନେଇ ଉଠିଛି ଅନିୟମିତତାର ଅଭିଯୋଗ । ସରକାରୀ ନିୟମାବଳୀ ଅନୁଯାୟୀ ଲିଜ୍ ପ୍ରଦାନ କରାଯାଇ ନଥିବା ନେଇ କିଛି ଗ୍ରାମବାସୀ ଭଦ୍ରକ ଜିଲ୍ଲାପାଳ ଏବଂ ବାସୁଦେବପୁର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗୁରୁତ୍ୱର ସହ ନେଇ ବିଡିଓ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି । ରାଜଘରପୋଖରି ଗ୍ରାମ ପଂଚାୟତ ଅଧୀନରେ ଥିବା ୨୦ଟି ମାର୍କେଟ କମ୍ପ୍ଲେକ୍ସ ଘର ଲିଜ୍ ପ୍ରଦାନରେ ସ୍ୱଚ୍ଛତା ଏବଂ ସରକାରୀ ନିୟମ ପାଳନ ହୋଇନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଲିଜ୍ ପ୍ରଦାନ ପ୍ରକ୍ରିୟାରେ ଟେଣ୍ଡର ଓ ସରକାରୀ ନିର୍ଦ୍ଦେଶାବଳୀକୁ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଗ୍ରାମର କିଛି ସଚେତନ ନାଗରିକ ଭଦ୍ରକ ଜିଲ୍ଲାପାଳ ଓ ବାସୁଦେବପୁର ବିଡିଓଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ପାଇବା ପରେ ବାସୁଦେବପୁର ବିଡିଓ ଘଟଣାର ତଦନ୍ତ ପାଇଁ ସମ୍ପୃକ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି ।ଏବେ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଏବଂ ସରକାରୀ ନିୟମ ଅନୁଯାୟୀ ମାର୍କେଟ କମ୍ପ୍ଲେକ୍ସ ଘରଗୁଡ଼ିକର ଲିଜ୍ ପ୍ରଦାନ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ । ବିଡ଼ିଓ କହିଛନ୍ତି ଯେ ନିଲାମ ଦିଆ ଯାଇଛି, ଆଉ ଥରେ ନିଲାମ ଦିଆ ଯିବ,ତେବେ ବିଡିଓଙ୍କ ନୋଟିସ୍ ପରେ ତଦନ୍ତ କେଉଁ ଦିଗକୁ ଗତି କରୁଛି ଏବଂ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

ଗୋଗୁଆ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସାମୂହିକ ବିଦାୟ ସମ୍ବର୍ଦ୍ଧନା

ବଣାଇଁ, ୦୧/୦୬ (ଆ.ପ୍ର) : ବଡ଼ଗୋଗୁଆସ୍ଥିତ ଗୋଗୁଆ ଉଚ୍ଚ ବିଦ୍ୟାଳୟରେ ୨୦୦୯ ବ୍ୟାଚର ପୂର୍ବତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ଭାବବିହ୍ୱଳ ଓ ସ୍ମରଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝାସକେତନ ପ୍ରଧାନଙ୍କ ସମେତ ଲଳିତ ମୋହନ ସାଉ, ନବଘନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରେବତୀ ମୋହନ ସାହୁ ଏବଂ ରାମଚନ୍ଦ୍ର ସାହୁଙ୍କୁ ସେମାନଙ୍କ ଦୀର୍ଘ ଶିକ୍ଷକତା ଜୀବନର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ପୂର୍ବତନ ଛାତ୍ରଛାତ୍ରୀମାନେ ଫୁଲତୋଡ଼ା, ଉତରୀୟ ଓ ସ୍ମାରକୀ ପ୍ରଦାନ କରି ନିଜର ଶ୍ରଦ୍ଧା ଓ କୃତଜ୍ଞତା ଜଣାଇଥିଲେ । ସମ୍ବର୍ଦ୍ଧନା ଅବସରରେ ଶିକ୍ଷକ ଓ ପୂର୍ବତନ ଛାତ୍ରଛାତ୍ରୀମାନେ ପୁରୁଣା ଦିନର ସ୍ମୃତିଚାରଣ କରିଥିଲେ । ଦୀର୍ଘ ବର୍ଷର ଶିକ୍ଷକ-ଛାତ୍ର ସମ୍ପର୍କକୁ ମନେ ପକାଇ ଅନେକେ ଭାବବିହ୍ୱଳ ହୋଇପଡ଼ିଥିଲେ । କେତେକ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ଆଖିରେ ଲୁହ ଆସିଯାଇଥିଲା ଓ ପରିବେଶ କିଛି ସମୟ ପାଇଁ ଅତ୍ୟନ୍ତ ଭାବପ୍ରବଣ ହୋଇଉଠିଥିଲା । ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ୨୦୦୯ ବ୍ୟାଚର ପୂର୍ବତନ ଛାତ୍ର ଭୋଲେଶ୍ୱର କିଶାନ, ତାପସ ବିଶ୍ୱାଳ, ନଗେନ କୁମାର ସାହୁ, ଅବିନାଶ ଗଡନାୟକ, ଦୀପକ କୁମାର କିଶାନ, ରାମ ଚନ୍ଦ୍ର ସାହୁ ଓ ଅନ୍ୟାନ୍ୟ ସହପାଠୀମାନେ ସକ୍ରିୟ ସହଯୋଗ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକମାନେ ନିଜର ଅନୁଭୂତି ବ୍ୟକ୍ତ କରି ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶେଷରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ କାର୍ଯ୍ୟକ୍ରମଟି ସମାପ୍ତ ହୋଇଥିଲା । ଏହି ବିଦାୟ ସମ୍ବର୍ଦ୍ଧନା ସଭା ଉପସ୍ଥିତ ସମସ୍ତଙ୍କ ମନରେ ଏକ ଅବିସ୍ମରଣୀୟ ସ୍ମୃତି ସୃଷ୍ଟି କରିଯାଇଛି ।

ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା, ୦୧/୦୬ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ପାଠାଣିଜଲ୍ଲିତ୍ ପୁରୁଷୋତ୍ତମ ଦାସଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ ଜଅଁଇ , ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀତପା ମିଶ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୮୫ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୪ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ଋତୁରାଜ ଚିକିତ୍ସା ନିମନ୍ତେ କୁମାଣ୍ଡୋଳା ଗ୍ରାମ ପଂଚାୟତ, ବାଣପୁର ବ୍ଲକ୍‌ର ଅଭିଯୋଗ କାରୀ ମଞ୍ଜୁ ବେହେରାଙ୍କୁ କର୍କଟ ରୋଗ ଚିକିତ୍ସା ନିମନ୍ତେ ୧୫ ହଜାର ଏବଂ ଗୁରୁଜଙ୍ଗ ଗ୍ରାମ ପଂଚାୟତ, ଖୋର୍ଦ୍ଧା ବ୍ଲକର ଛବି ଦାସଙ୍କୁ ଆତ୍ମ ନିଯୁକ୍ତି ନିମନ୍ତେ ୧୫ ହଜାରକୁ ନେଇ ମୋଟ ୩୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଂଟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର, ଜନ ପ୍ରତିନିଧି ବୃନ୍ଦ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମାଜସେବୀ ଅରୁଣ ରଥଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର, ୦୧/୦୬ (ଆ.ପ୍ର) : ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟର ଅଷ୍ଟମ ବାର୍ଷିକ ଉତ୍ସବ ପାଳନ ଅବସରରେ ବେତାରପ୍ରେମୀ, କବି ଓ ସମାଜସେବୀ ସମ୍ମାନ -୨୦୨୬ରେ ଅରୁଣ କୁମାର ରଥ (ଟୁନା ଭାଇନା)ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନରେ ଆୟୋଜିତ ଉତ୍ସବରେ ହିମାଂଶୁ ପରିଡା ସଭାପତିତ୍ୱ କରିଥିଲେ । ସଭାରେ ମୁଖ୍ୟ ଅତିଥି ଭାବେ ମୀନକେତନ ଦାସ, ମୁଖ୍ୟ ବକ୍ତା ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା ଓ ସମ୍ମାନନୀୟ ଅତିଥି ଭାବେ ବିଶ୍ୱଜିତ କର,ବୈରାଗୀ ଚରଣ ମଲ୍ଲିକ, ବିଶିଷ୍ଟ ଅତିଥି ଡ଼. ମନୋରଞ୍ଜନ ବେହୁରା ପ୍ରମୁଖ ଉପସ୍ଥିତ ରହି ବେତାରପ୍ରେମୀ ଅରୁଣ କୁମାର ରଥଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ମଂଚ ପରିଚାଳନା ଓ ସଂଯୋଜନା ଇଂ ଅକ୍ଷୟ କୁମାର ପାଣି କରିଥିବା ବେଳେ ଟ୍ରଷ୍ଟର ମୁଖ୍ୟ ସମ୍ପାଦକ ଆନନ୍ଦ କୁମାର ମାଇତି ଓ ସମ୍ପାଦକା ଲକ୍ଷ୍ମୀପ୍ରିୟା ମାଇତି ଉପସ୍ଥିତ ଥିଲେ ।

ଅଲ ଓଡିଶା ରାତ୍ରି ହାଙ୍ଗାମା କ୍ରିକେଟ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚରେ ବାଣପୁର ଚମ୍ପିୟାନ

ରଣପୁର, ୦୧/୦୬ (ଆ.ପ୍ର) : ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳାସ୍ଥିତ ମହୋତ୍ସବ ପଡ଼ିଆରେ ରାଜସୁନାଖଳା ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏକ ଦିବାସୀୟ ରାତ୍ରି ହାଙ୍ଗାମା କ୍ରିକେଟ ଟୁର୍ଣ୍ଣାମେଂଟ ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ୬ ଓଭର ବିଶିଷ୍ଟ ହାଙ୍ଗାମା ମ୍ୟାଚରେ ୮ଟି କ୍ରିକେଟ ଟିମ ଅଂଶ ଗ୍ରହଣ କରିଥିଲେ । ଏହି ହାଙ୍ଗାମା କ୍ରିକେଟ ଟୁର୍ଣ୍ଣାମେଂଟଟି ରାତ୍ର ୮ଟା ରୁ ଆରମ୍ଭ ହୋଇ ଭୋର ୫ ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା । ଏହି ଟୁର୍ଣ୍ଣାମେଂଟରେ ମୁଖ୍ୟ ଅତିଥି ଭାବରେ ନୟାଗଡ ବିଧାୟକ ଡ଼ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ରଣପୁର ବିଜେଡି ସଭାପତି ସଚ୍ଚିକାନ୍ତ ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ନାୟକ, ଲିଙ୍ଗରାଜ ପ୍ରଧାନ, ବିଶିକେଶନ ସାହୁ, ରାକେଶ କୁମାର ସାହୁ, ଦେବରାଜ ରଗଡ, ପ୍ରଭାତ କୁମାର ସାହୁ, ଭାଗିରଥି ସ୍ୱାଇଁ, ସୁରେଶ କୁମାର ସାହୁ, ସଦାଶିବ ସାହୁ, ସମିତ କୁମାର ସାହୁ ଓ ନରୋତ୍ତମ ନାୟକ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଶାନ୍ତି ଶୃଙ୍ଖଳାର ଖେଳ ପ୍ରଦର୍ଶନ କରିବା ସହିତ ଉତମ ଖେଳ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ । ଏହି ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚରେ ବାଣପୁର ଓ ଯାଅଁଳା ପରସ୍ପରକୁ ଭେଟିଥିଲେ । ଯାଅଁଳା ପ୍ରଥମେ ବ୍ୟାଟିଙ୍ଗ କରି ୬୦ରନ ସଂଗ୍ରହ କରିଥିଲେ । ବାଣପୁର ୬୧ ରନକୁ ପିଛା କରି ୫.୪ ଓଭରରେ ୬୧ରନ କରି ବିଜୟୀ ହୋଇ ଚମ୍ପିୟାନ ହୋଇଥିଲେ । ଆୟୋଜକ ଟିମ ପକ୍ଷରୁ ଜଟିର ବ୍ୟବସ୍ଥା କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ହଟ କେସ ଦିଆ ଯାଇ ଥିବା ବେଳେ ଅନ୍ତିମ ପୁରସ୍କାର ସାଇକଲ ଦିଆ ଯାଇଥିଲା । ପରେ ଅତିଥି ମାନେ ରନରସପ ହୋଇ ଥିବା ଟିମର ଖେଳାଳି ମାନଙ୍କୁ ୧୫୦୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରିବା ସହିତ ଚମ୍ପିୟାନ ଟିମର ଖେଳାଳି ମାନଙ୍କୁ ୨୫୦୦୦ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । ଏହି ମ୍ୟାଚରେ ଲକ୍ଷ୍ମୀକାନ୍ତ ମିଶ୍ର ଓ ବଲ୍ଲଭ କୁମାର ପ୍ରଧାନ ଆମ୍ପାୟରିଙ୍ଗ କରୁ ଥିବା ବେଳେ ସ୍ଥାନୀୟ ଅଂଚଳର ଦକ୍ଷ ଅମ୍ପାୟାର ସୁଶାନ୍ତ କୁମାର ପ୍ରଧାନ ଓ ଆନନ୍ଦ ଚନ୍ଦ୍ର ବାରିକ ମ୍ୟାଚକୁ ପରିଚାଳନା କରିଥିଲେ । ଏହାକୁ ଅର୍ଥଲେଟିକ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଶାନ୍ତିପୂର୍ଣ୍ଣ ଭାବେ ସହଯୋଗ କରି ପରିଚାଳନା କରିଥିଲେ । ବିଶେଷ କରି ଚିୟର ଗାର୍ଲଙ୍କ ନୃତ୍ୟ ଦର୍ଶକ ମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖି ଥିଲା । ପରିଶେଷରେ ରାଜସୁନାଖଳା ସ୍ପୋର୍ଟ୍ସ ଆସୋସିଏସନର ଉପଦେଷ୍ଟା ରଶ୍ମିକାନ୍ତ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମ୍ୟାଚକୁ ଦେଖିବା ପାଇଁ ଆଖ ପାଖ ଅଂଚଳରୁ ହଜାର ହଜାର ଲୋକମାନଙ୍କ ଭିଡ ଜମି ଥିଲା ।

ନୟାହାଟ ବଜାରରେ ଦୀର୍ଘ ଦିନରୁ ଷ୍ଟ୍ରିଟ୍ ଲାଇଟ୍ ଅଚଳ, ପ୍ରଶାସନିକ ଉଦାସୀନତାକୁ ନେଇ ଜନ ଅସନ୍ତୋଷ

ନିମାପଡା, ୦୧/୦୬ (ଆ.ପ୍ର) : ରାଜ୍ୟର ଉପମୁଖ୍ୟମନ୍ତ୍ରୀଙ୍କ ନିଜ ଅଂଚଳ ତଥା ନିଜ ବଜାରରେ ଦେଖାଦେଇଛି ଚରମ ପ୍ରଶାସନିକ ଉଦାସୀନତା । ଗୋପ ବ୍ଲକ ଅନ୍ତର୍ଗତ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ନୟାହାଟ ବଜାରରେ ଦୀର୍ଘ ଦିନ ହେବ ଷ୍ଟ୍ରିଟ୍ ଲାଇଟ୍ ସବୁ ଅଚଳ ହୋଇ ପଡ଼ିରହିଥିବାରୁ ସନ୍ଧ୍ୟା ହେଲେ ସମଗ୍ର ବଜାର ଅନ୍ଧକାରରେ ବୁଡ଼ି ରହୁଛି । ବିଦ୍ୟୁତ ଖୁଂଟରେ ଆଲୋକ ନଥାଇ କେବଳ ବନ୍ଦ ଲାଇଟ୍ ପଡ଼ି ରହିଛି । ଜଙ୍ଗଲବୋରୀ ଏବଂ ଧୁମାଳ ପଂଚାୟତର ମଧ୍ୟସ୍ଥଳରେ ଥିବା ଏହି ବଜାରର ସାମ୍ପ୍ରତିକ ସ୍ଥିତି ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ବ୍ୟଥିତ ଓ ଅସନ୍ତୋଷ ସୃଷ୍ଟି କରିଛି । ସୂଚନାଯୋଗ୍ୟ ଯେ, ନୟାହାଟ ବଜାର କେବଳ ଏକ ସ୍ଥାନୀୟ ବଜାର ନୁହେଁ । ଏହି ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଉପରେ ଦୈନନ୍ଦିନ କଟକ, ପୁରୀ ଏବଂ ଜଗତସିଂହପୁର ଜିଲ୍ଲାର ହଜାର ହଜାର ବ୍ୟବସାୟୀ ଓ ଜନସାଧାରଣ ନିର୍ଭର କରିଥାନ୍ତି । ତିନୋଟି ପ୍ରମୁଖ ଜିଲ୍ଲାର ସଂଯୋଗସ୍ଥଳ ସଦୃଶ ଏହି ଆଂଚଳିକ ବଜାରରେ ସନ୍ଧ୍ୟା ନହେଉଣୁ ଅନ୍ଧାର ରାଜୁତି କରୁଥିବାରୁ ବ୍ୟବସାୟିକ କାରବାର ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି । ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ହେଉଛନ୍ତି ନାହିଁ ନଥିବା ହଇରାଣ ? ଏହି ନୟାହାଟ ବଜାର ରାସ୍ତା ଦେଇ ଦୈନିକ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁମାନେ ପ୍ରସିଦ୍ଧ ଶକ୍ତିପୀଠ କାକଟପୁର ମା' ମଙ୍ଗଳାଙ୍କ ଦର୍ଶନ ପାଇଁ ଏବଂ ଜାହାନିଆ ପୀର ଭଳି ପ୍ରସିଦ୍ଧ ପର୍ଯ୍ୟଟନ ଓ ପିକ୍ନିକ୍ ସ୍ଥଳକୁ ଯାତାୟତ କରିଥାନ୍ତି । ପ୍ରତିଦିନ ଏହି ବାଟ ଦେଇ ଅନେକ ଦୂରଦୂରାନ୍ତରୁ ଗାଡ଼ିମୋଟର ଯାଉଥିବା ବେଳେ ବଜାର ଅଂଚଳରେ ଆଲୋକ ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକମାନେ ରାସ୍ତା ଖୋଜିବାରେ ଏବଂ ଯାତାୟତରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ଅନେକ ଗୁଣ ବୃଦ୍ଧି ପାଉଛି । ଏହି ସମସ୍ୟା ବାବଦରେ ଉଭୟ ଜଙ୍ଗଲବୋରୀ ପଂଚାୟତର ସରପଂଚ ପ୍ରଭାତୀ ସାହୁ ଏବଂ ଧୁମାଳ ପଂଚାୟତର ସରପଂଚ ମୋନାଲିସା ସିଂହଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସେମାନଙ୍କ ସ୍ତରରେ ଏହାର କୌଣସି ସମାଧାନ କରାଯାଇ ପାରିନାହିଁ । ଅପରପକ୍ଷରେ, ବଜାର କମିଟିର ସଭାପତି ଫକିର ଚରଣ ବାରିକ ମଧ୍ୟ ଥାଇ ନଥିଲା ଭଳି ନିଷ୍କ୍ରିୟ ପାଲଟିଛନ୍ତି । ସଭାପତି ନିଜେ ଏହି ସମସ୍ୟା ସମାଧାନ କରିବାରେ ନିଜର ଅପାରଗତା ପ୍ରକାଶ କରି ହାତ ଟେକି ଦେଇଥିବା ଅଭିଯୋଗ ହୋଇଛି । ପ୍ରତିନିଧିମାନଙ୍କ ଏଭଳି ଦାୟିତ୍ୱହୀନ ମନୋଭାବ ଯୋଗୁଁ ବଜାରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ଏବେ ବିପନ୍ନ । ଉପମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସ୍ଥାନୀୟ ବାସିନ୍ଦା । ଏହା କୌଣସି ସାଧାରଣ ବଜାର ନୁହେଁ, ବରଂ ରାଜ୍ୟର ସମ୍ମାନୀୟା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିଜ ନିର୍ବାଚନ ମଣ୍ଡଳୀ ଓ ଘରୋଇ ଅଂଚଳ । ତାଙ୍କ ନିଜ ବଜାରରେ ଏଭଳି ଦୁରାବସ୍ଥାକୁ ସ୍ଥାନୀୟ ସାଧାରଣ ଜନତା ସହଜରେ ଗ୍ରହଣ କରିପାରୁନାହାନ୍ତି । ସନ୍ଧ୍ୟା ପରେ ବଜାର ଅନ୍ଧାର ରହୁଥିବାରୁ ଚୋରି, ଛିନତାଇ ଭଳି ଅପରାଧିକ ମାମଲା ବୃଦ୍ଧି ପାଇବାର ଆଶଙ୍କା ଉପୁଜିଛି । ଦୟାକରି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ନିଜ ଅଂଚଳର ଏହି ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ସଂସ୍କାର କରିବାକୁ ଜନସାଧାରଣ ନିବେଦନ କରିଛନ୍ତି । ଯଦି ତୁରନ୍ତ ବିହିତ ପଦକ୍ଷେପ ନିଆଯାଏ, ତେବେ ତିନି ଜିଲ୍ଲାରୁ ଆସୁଥିବା ବ୍ୟବସାୟୀ, ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ଏବଂ ସ୍ଥାନୀୟ ଜନସାଧାରଣ ଉପକୃତ ହୋଇପାରିବେ ।

କାଳବୈଶାଖୀ ତାଣ୍ଡବ : ଅନ୍ଧାରରେ ଏବେ ବି ତୁମୁଡ଼ିବନ୍ଧ ବ୍ଲକର ଅଧିକାଂଶ ଗାଁ

ବିଜେପିର ଟିମ ବାଲିଗୁଡା ଓ ତୁମୁଡିବନ୍ଧ କ୍ଷୟ କ୍ଷତି ଅଂଚଳ ବୁଲିଲେ ଲୋକଙ୍କ ଦୁଃଖ ଶୁଣିଲେ

ତୁମୁଡିବନ୍ଧ, ୦୧/୦୬ (ଆ.ପ୍ର) : କିଛି ଦିନ ହେବ କାଳବୈଶାଖୀ ଏବଂ ଝଡ଼ ବର୍ଷାରେ କନ୍ଧମାଳ ଜିଲ୍ଲାର ବାଳିଗୁଡା, କ.ନୂଆଗାଁ, ତୁମୁଡିବନ୍ଧ ଓ କୋଟଗଡ ବ୍ଲକର ଅନେକ ଅଂଚଳରେ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ବେଳେ ବିଦ୍ୟୁତ ତାର ଛିଡ଼ିବା ସହ ପାନୀୟ ଜଳ ଯୋଗାଣ ଏବଂ ରାସ୍ତା ସଂଯୋଗ ବିଚ୍ଛିନ୍ନ ଭଳି ସମସ୍ୟା ଉତ୍କଟ ରୂପ ନେଇଛି । ମୁଖ୍ୟତଃ କାଳବୈଶାଖୀ ଝଡ଼ ଓ ବର୍ଷାର ପ୍ରଭାବରେ ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକ ଅଂଚଳର କୃତମଗଡ, ବେଲଘର, ଗୁମା, ଲଙ୍କାଗଡ, ଝିରିପାଣି ଓ ଭଣ୍ଡରଙ୍ଗି ପଂଚାୟତ ବ୍ୟାପକ କ୍ଷୟକ୍ଷତି ଘଟିଛି । ଗତ ଛଅ ଦିନ ଧରି ଅନେକ ଗ୍ରାମରେ ବିଦ୍ୟୁତ ସେବା ଥିବାରୁ ଅଧିକାଂଶ ଗାଁ ଏବେବି ଅନ୍ଧାର ରେ ରହିଛି । ଯାହା ଫଳରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଝଡ଼ ବର୍ଷା ପ୍ରକୋପରେ ଶତାଧିକ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଥିବାରୁ ବହୁ ସ୍ଥାନରେ ଯାତାୟାତ ବ୍ୟାହତ ହୋଇ ଥିବା ବେଳେ ଅନେକ ବିଦ୍ୟୁତ ଖୁଂଟ ଭାଙ୍ଗି ପଡ଼ିଥିବା ସହ ବିଦ୍ୟୁତ ତାର ଛିଣ୍ଡି ଯାଇଛି । ଫଳରେ ତୁମୁଡ଼ିବନ୍ଧ ବ୍ଲକର ଅଧିକାଂଶ ଗ୍ରାମ ଏବେ ଅନ୍ଧାରରେ ରହିଛି । ବିଦ୍ୟୁତ ସେବା ବନ୍ଦ ରହିବା ଯୋଗୁଁ ପାନୀୟ ଜଳ ଯୋଗାଣ, ମୋବାଇଲ ନେଟୱର୍କ, ଇଂଟରନେଟ ସେବା ଓ ଦୈନନ୍ଦିନ କାର୍ଯ୍ୟକଳାପ ଠପ୍ ହୋଇପଡ଼ିଛି । ବିଶେଷକରି ଛାତ୍ରଛାତ୍ରୀ, ବୃଦ୍ଧ ଓ ରୋଗୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାତିରେ ଅନ୍ଧାର ଯୋଗୁଁ ଲୋକମାନଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି । ସ୍ଥାନୀୟ ଅଂଚଳବାସୀ ରମାକାନ୍ତ ସାହୁ କହିଛନ୍ତି, 'ଝଡ଼ ପରେ ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଦୁର୍ଗମ ପାହାଡ଼ିଆ ଅଂଚଳ ଓ ରାସ୍ତାରେ ପଡ଼ିଥିବା ଗଛ ଯୋଗୁଁ କାମ ଧୀର ଗତିରେ ଚାଲିଛି । ଅନେକ ସ୍ଥାନରେ ଏପର୍ଯ୍ୟନ୍ତ ଗଛ ହଟାଯାଇ ନଥିବାରୁ ଯାନବାହନ ଚଳାଚଳରେ ଅସୁବିଧା ଦେଖାଦେଇଛି । 'ସ୍ଥାନୀୟ ଅଂଚଳବାସୀ, ପ୍ରଶାସନ ଓ ବିଦ୍ୟୁତ ବିଭାଗକୁ ଶୀଘ୍ର କ୍ଷତିଗ୍ରସ୍ତ ବିଦ୍ୟୁତ ବ୍ୟବସ୍ଥାର ମରାମତି କରି ସାଧାରଣ ଲୋକଙ୍କୁ ବିଦ୍ୟୁତ ସେବା ଯୋଗାଇବା ପାଇଁ ଦାବୀ ହେଉଛି । କାଳବୈଶାଖୀର ପ୍ରଭାବ ଦୁର୍ଗମ ଅଂଚଳରେ ରହୁଥିବା ଲୋକଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି । କାଳବୈଶାଖୀ ପ୍ରଭାବରେ ବ୍ଲକର ଅନେକ ସ୍ଥାନରେ କ୍ଷୟକ୍ଷତି ହୋଇଛି । ଏଥିପାଇଁ ପ୍ରଶାସନ ପକ୍ଷରୁ ଘର ଘର ବୁଲି କ୍ଷତିଗ୍ରସ୍ତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । କିଭଳି ଲୋକଙ୍କୁ ସୁବିଧା ଯୋଗାଇ ଦିଆଯାଇପାରିବ ସେନେଇ ନଜର ରଖାଯାଇଛି ଏହା ସହ ସମସ୍ତ କ୍ଷତିଗ୍ରସ୍ତ ପରିବାରଙ୍କ ପାଖରେ ପହଂଚୁଛୁ । ସର୍ଭେ କରି ସେମାନଙ୍କ ନାମ ଜିଲ୍ଲା ଅଫିସକୁ ଅବଗତ କରାଯାଇଛି । ଲୋକମାନଙ୍କର ଅଧିକ କ୍ଷୟକ୍ଷତି ନ ହୁଏ ସେଥିପାଇଁ ସଜାଗ ରହିଛୁ । ସରକାରଙ୍କ ତରଫରୁ କ୍ଷତିଗ୍ରସ୍ତ ଲୋକଙ୍କୁ ପଲିଥିନ ଯୋଗାଇ ଦେଇଛି ବୋଲି ତୁମୁଡିବନ୍ଧ ତହସିଲଦାର ଦନଗୋବିନ୍ଦ ସାହୁ କହିଛନ୍ତି, । ବିଜେପି ଜିଲ୍ଲା ସଭାପତି ପଣ୍ଡିତ ଡିଗ୍ମାଲି ଙ୍କ ସହ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନ ଗୋବିନ୍ଦ ପ୍ରଧାନଙ୍କ ସମେତ ସ୍ଥାନୀୟ ବିଜେପି କର୍ମୀ ଓ ନେତା ତୁମୁଡିବନ୍ଧ ବ୍ଲକ ର ବିଭିନ୍ନ କ୍ଷୟ କ୍ଷତି ଅଂଚଳ ବୁଲିବା ସମୟରେ ସ୍ଥାନୀୟ ବିଡିଓ, ତହସିଲଦାର ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ ସେହି ଭଳି ବାଲିଗୁଡା ବ୍ଲକର ବ୍ରୁହୁକିଆ ପଂଚାୟତର ବ୍ରୁହୁକିଆ, ପଦ୍ମାପଦର, ମାଦୀନାଟରି ବିଭିନ୍ନ ଅଂଚଳକୁ ସ୍ଥାନୀୟ ମଣ୍ଡଳ ସଭାପତି ଭରତ ମଲ୍ଲିକଙ୍କ ସହ ପୂର୍ବତନ ବିଧାୟକ କରେନ୍ଦ୍ର ମାଝିଙ୍କ ପୁଅ ତଥା ରାଜ୍ୟ ଜନଜାତି ଆଇଟି ସେଲର ଚିରଞ୍ଜିବୀ ମାଝି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିରେନ୍ଦ୍ର ସାହୁ ,ଦ୍ୱିଜବର ମଲ୍ଲିକଙ୍କ ସହ, ସୂର୍ଯ୍ୟ କାନ୍ତ ନାୟକ ଓ ଅନ୍ତର୍ଯ୍ୟାମି ବେହେରା ସମେତ ସ୍ଥାନୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

ଯୁବ ଲେଖକଙ୍କ ନିଆରା ପ୍ରୟାସ

ରାୟଗଡ଼ା, ୦୧/୦୬ (ଆ.ପ୍ର) : କଳା, ସାହିତ୍ୟ ଓ ସଂସ୍କୃତି ଇତ୍ୟାଦି ମଣିଷକୁ ମଣିଷ ସାଥିରେ ଯୋଡ଼େ, ପୁରୁଣା ପିଢ଼ି ସହ ନୂଆ ପିଢ଼ିକୁ ଯୋଡ଼ି ସମାଜକୁ ଆଗକୁ ବଢ଼ିବାରେ ଇନ୍ଧନ ଯୋଗାଏ । ସାହିତ୍ୟର ଏଇ ଯଥାର୍ଥ ଭାବଧାରାକୁ ସାର୍ଥକ ପ୍ରତିପାଦନ କରିବା ଲାଗି କିଛି ସମାଜ ଓ ସାହିତ୍ୟ ପ୍ରେମୀ ଅଂଟା ଭିଡ଼ିଥିବା ଦେଖିବାକୁ ମିଳିଛି । ଗ୍ରୀଷ୍ମ ଛୁଟିରେ ଭିନ୍ନ ଭିନ୍ନ ସ୍ଥାନ ପରିଭ୍ରମଣ ଅପେକ୍ଷା ଆଖପାଖର ବରିଷ୍ଠ ବୁଦ୍ଧିଜୀବି ସମାଜସେବୀଙ୍କୁ ଭେଟିବା ଏମାନେ ଶ୍ରେୟସ୍କର ମନେ କରିଛନ୍ତି । ରାୟଗଡ଼ ସହରର ଏଇ ଯୁବ ଲେଖକ ଲେଖିକାମାନେ ଗତ ସାତ ଦିନ ଧରି ପ୍ରତି ସନ୍ଧ୍ୟାରେ ଜଣେ ଜଣେ ପ୍ରବୀଣ ସାହିତ୍ୟିକ, ସମାଜ ଶାସ୍ତ୍ରୀଙ୍କୁ ଭେଟି ମନ ଖୋଲା ଆଲୋଚନା କରି ଫେରୁଛନ୍ତି । ଏଇ କ୍ରମରେ ସେମାନେ ବରିଷ୍ଠ ସାହିତ୍ୟିକ ସତ୍ୟ ନାରାୟଣ ଗନ୍ତାୟତ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ଼ ଦୁଷ୍ମନ୍ତ କୁମାର ମହାନ୍ତି, ପ୍ରାଧ୍ୟାପିକା ଡ଼ କୃଷ୍ଣପ୍ରିୟା ସାହାଣୀ, ବରିଷ୍ଠ କବୟିତ୍ରୀ ତଥା ସମାଜସେବୀ ମଞ୍ଜୁଶ୍ରୀ ମୁଖାର୍ଜୀ, ବିଶିଷ୍ଟ କବି ସମ୍ପାଦକ ସଙ୍ଗଠକ ସୁଶାନ୍ତ କୁମାର ନାୟକ, କବି ଦେବେନ୍ଦ୍ର କୁମାର ବାଉରୀ, କବି ମଣିଷ ହୃଷିକେଶ ରଥଙ୍କ ସହ ଆଲୋଚନା କରିଛନ୍ତି । ଦୀର୍ଘ ସାତ ଦିନ ଧରି ଚାଲିଥିବା ଆସ ଭେଟିବା ଅନୁଭବୀଙ୍କୁ ଶୀର୍ଷକ ଏଇ କାର୍ଯ୍ୟକ୍ରମର ଆଜି ଉଦଯାପନୀ ସମାରୋହ ସ୍ଥାନୀୟ ସାବିତ୍ରୀ ପାଠାଗାରରେ ଅନୁଷ୍ଠିତ ହୋଇ ଯାଇଛି । ବିଶିଷ୍ଟ କବି ଦିବଙ୍ଗତ ଡମ୍ବରୁଧର ପଟ୍ଟନାୟକଙ୍କ ବାସଭବନରେ ଏଇ କାର୍ଯ୍ୟକ୍ରମରେ ନୀଳମଣି ପାତ୍ରଯୋଶୀ, ଶ୍ରୀଧର ପଟ୍ଟନାୟକ, ବିମଳ ଚାନ୍ଦ ପଟ୍ଟନାୟକ, କଲ୍ୟାଣୀ ସାମନ୍ତ, ମାନସ ସାହୁ, ମହାଶ୍ୱେତା ପାଣିଗ୍ରାହୀ, ସସ୍ମିତା ଆଚାର୍ଯ୍ୟ, ଅରୁଣ କୁମାର ପାଣିଗ୍ରାହୀ, ତ୍ରିବେଣୀ ମିଶ୍ର, ସୁଦାସ ବେହେରା ନିଜ ନିଜ ଅନୁଭୂତି ପ୍ରକାଶ କରିଛନ୍ତି । ଦ୍ୱିତୀୟ ଅଧିବେଶନରେ ସୀମାନ୍ତ ବିହୁତି ଶ୍ରୀ ଡମ୍ବରୁଧର ପଟ୍ଟନାୟକଙ୍କ ସାହିତ୍ୟ ସାଧନା ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ କବି କନ୍ୟା ପୂରବୀ ପଟ୍ଟନାୟକ ଡମ୍ବରୁଧରଙ୍କ ରଚିତ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ । ଶେଷରେ ଶ୍ରୀଧର ପଟ୍ଟନାୟକ ଉପସ୍ଥିତ ସମସ୍ତ ସାହିତ୍ୟ ପ୍ରେମୀ ତଥା କବି ପତ୍ନୀ ସୁପ୍ରଭା ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ବୋହୂର ନିର୍ଯ୍ୟାତନା ସହି ନପାରି ପୁର୍ନବାର ପୁଲିସର ସହଯୋଗ ଲୋଡିଲେ ଶାଶୁ ଓ ଶ୍ୱଶୁର

ଖଣ୍ଡପଡ଼ା, ୦୧/୦୬ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଗ୍ରାମର ସୁରେନ୍ଦ୍ର ନାଥ ଶତପଥୀ (୭୨) ଓ ପତ୍ନୀ ବିନୋଦିନୀ ଏକମାତ୍ର ବିଧବା ବୋହୂର ନିର୍ଯ୍ୟାତନା ସହି ନପାରି ପୁଲିସ ପ୍ରଶାସନର ସହଯୋଗ ଲୋଡ଼ିଥିବା ଜଣାପଡ଼ିଛି । ସୁରେନ୍ଦ୍ରନାଥଙ୍କ ଏକମାତ୍ର ପୁଅ ଅକାଳରେ ମୃତ୍ୟୁବରଣ କରିବା ପରେ ଗତ ୫ ବର୍ଷ ଧରି ଶାଶୁ, ଶ୍ୱଶୁରଙ୍କ ଠାରୁ ଅଲଗା ରହୁଥିବା ବୋହୂ ଗିତାଞ୍ଜଳି ଶତପଥୀ ଏବେ ଶାଶୁ ଘରେ ରହୁଥିବା ବେଳେ କଥାକଥାକେ ଶାଶୁ ଓ ଶ୍ୱଶୁରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନାଲିଆଖି ଦେଖାଇ ଧମକ ଦେଉଥିବା ଅଭିଯୋଗ ହେଉଛି । ଏପରିକି ସେମାନଙ୍କୁ ଜୀବନରୁ ମାରି ଶେଷ କରିଦେବା ପାଇଁ ବୋହୂ ବନ୍ଧୁବାର ଧମକ ଦେଉଥିବା ନେଇ ବିନୋଦିନୀ ଖଣ୍ଡପଡ଼ା ଥାନାରେ ସୋମବାର ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ପରିଣତ ବୟସରେ ଶାଶୁ, ଶ୍ୱଶୁରଙ୍କ ସେବା କରିବା ପରିବର୍ତ୍ତେ ବୋହୂ ସେମାନଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିବା ନେଇ ଏଥି ପୂର୍ବରୁ କୋସକା ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିଲା । ସ୍ଥାନୀୟ ଅଂଚଳର ଭଦ୍ରଲୋକ ଓ ଫାଣ୍ଡି ଅଧିକାରୀଙ୍କ ଉପସ୍ଥିତିରେ ଅଭିଯୋଗର ଆପୋଷ ସମାଧାନ ହୋଇଥିଲେ ହେଁ କିଛି ଦିନର ବ୍ୟବଧାନ ପରେ ପୁର୍ନବାର ବୋହୂ, ଶାଶୁ ଓ ଶ୍ୱଶୁରଙ୍କୁ ଶାରୀରିକ ଓ ମାନସିକସ୍ତରରେ ନିର୍ଯ୍ୟାତନା ଦେଉଥିବା ନେଇ ସୁରେନ୍ଦ୍ରନାଥ ଖଣ୍ଡପଡ଼ା ପୁଲିସ ଓ ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିବା ଜଣାପଡିଛି । ଗତକାଲି ରବିବାର ରାତିରେ ବୋହୂର ଯନ୍ତ୍ରଣା ଅସହ୍ୟ ହେବାରୁ ସାରା ରାତି ଅନିଦ୍ରା ରହି ଶାଶୁ ଓ ଶ୍ୱଶୁର ଉଭୟେ ଖଣ୍ଡପଡ଼ା ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ବୋହୂ ବିରୁଦ୍ଧରେ ଶାଶୁ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଘଟଣାରେ ହସ୍ତକ୍ଷେପ କରି ବୃଦ୍ଧ ଦମ୍ପତିଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

ଖବର ପ୍ରସାରଣ ପରେ ତତ୍ପରତା ଦେଖାଇଛନ୍ତି ଜିଲ୍ଲା ପ୍ରଶାସନ

ଯାଜପୁର, ୦୧/୦୬ (ଆ.ପ୍ର) : ଦୀର୍ଘ ଅଠର ମାସ ହେବ ସରକାରୀ ସୁବିଧା ସୁଯୋଗରୁ ବଂଚିତ ଥିବା ଦଶରଥପୁର ବ୍ଲକ ଅନ୍ତର୍ଗତ ଖଣ୍ଡରା ପଂଚାୟତର ଖଣ୍ଡରା ଗ୍ରାମର ମାଧବାନନ୍ଦ ସାହୁଙ୍କ ଦିବ୍ୟାଙ୍ଗ ପୁତ୍ର ବାବାଜୀ ଚରଣ ସାହୁ (୩୨) ବର୍ଷ ଖବର ପ୍ରଥମେ (ଆରମ୍ଭ) ଦୈନିକ ଓଡ଼ିଆ ଖବରକାଗଜ ରେ ତା ୨୬/୫/୨୬ ପ୍ରକାଶ ପାଇଥିଲା । ଏହି ଖବର ପ୍ରସାରଣ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇଛନ୍ତି । ଆଜି ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ଅମ୍ବର କୁମାର କର ଦିବ୍ୟାଙ୍ଗ ବାବାଜୀ ସାହୁଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ଉପଲବ୍ଧ ହେବ ବୋଲି କହିଛନ୍ତି ।

ସ୍ମୃତି ସୌରଭ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି, ୦୧/୦୬ (ଆ.ପ୍ର) : ସ୍ଥାନୀୟ ଉପ କାରାଗାର ଠାରେ ଦୁଇ ମୁଖ୍ୟ କାରାରକ୍ଷୀ ମଙ୍ଗୁଳୁ ସେଠୀ , ପ୍ରତାପ ଚନ୍ଦ୍ର ଦାସଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉପ କାରାଗାର ଅଧୀକ୍ଷକ କାମାକ୍ଷୀ ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ପ୍ରାକ୍ତନ ଉପ କାରାଗାର ଅଧୀକ୍ଷକ ହନୁ ସେଠୀ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ଗଜପତି ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ମାନିତ ଅତିଥି ଭାବେ ପ୍ରଗତି ମହିଳା ସଙ୍ଗଠନ ପାରଳାଖେମୁଣ୍ଡିର ସମ୍ପାଦିକା ତନୁଜା ଶତପଥୀ ଯୋଗଦାନ କରିଥିଲେ । ସହକାରୀ କାରାପାଳ ଭଗିରଥୀ ପଣ୍ଡା ସ୍ୱାଗତ ସମ୍ଭାଷଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ମହିଳା କାରାରକ୍ଷୀ ଜଳି ଦାଶ ସମ୍ବର୍ଦ୍ଧନା ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ଉଭୟ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କୁ ସ୍ମୃତି ସୌରଭ ସହାରେ ସୁସ୍ଥ, ଶାନ୍ତିମୟ ଓ ଦୀର୍ଘ ଜୀବନ କାମନା କରିଥିଲେ । ମୁରଲୀ ସେଠୀ, ଶ୍ରୀକାନ୍ତ ପଣ୍ଡା ଓ କାରାଗାର ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ପୁରୀ ସହର ବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ପାଇଁ ଅବିରତ ପଦଯାତ୍ରା ବାଷଠି ଦିନରେ ପହଁଚିଛି

ପୁରୀ, ୦୧/୦୬ (ଆ.ପ୍ର) : ପୁରୀ ସହର ଓ ସଦର ବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ପାଇଁ ଚାଲିଥିବା ସଚେତନତା ପଦଯାତ୍ରା ସୋମବାର ସୁଧା ୬୨ ଦିନରେ ପଦାର୍ପଣ କରି, ଏକ ଅଦ୍ଭୁତ ଭାବନାର ସ୍ରୋତରେ ପରିଣତ ହୋଇଛି । ଏହା କେବଳ ପଦଯାତ୍ରା ନୁହେଁ, ବରଂ ଏହା ପୁରୀ ସହର ଓ ସଦର ବାସୀଙ୍କ ହୃଦୟର ଅନୁଭୂତି, ନିରବ ବେଦନା ଓ ଅତ୍ୟୁଟ ଆସ୍ଥାର ଏକ ସଂଗଠିତ ଉଚ୍ଚାରଣ । ବନଗଣ୍ଡି ଭକ୍ତ ସାଲବେଗ ପୀଠରୁ ଗତ ଅପ୍ରେଲ ୧ ଉତ୍କଳ ଦିବସ ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପ୍ରତ୍ୟହ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଯାଇ ପହଂଚିବା ବେଳେ ମନେ ହେଉଛି -ପ୍ରତ୍ୟେକ ପଦକ୍ଷେପ ମାଟିକୁ ନୁହେଁ, ଭଗବାନଙ୍କ ପାଦପଦ୍ମକୁ ସ୍ପର୍ଶ କରୁଛି । 'ଜୟ ଜଗନ୍ନାଥ' ଧ୍ୱନିରେ ଗୁଞ୍ଜି ଉଠୁଥିବା ପଥରେ ଭକ୍ତିର ତୀବ୍ରତା ସହିତ ମିଶିଥିଲା ଅଧିକାର ହରାଇବାର ଅନୁଭୂତ ବେଦନା-ଏକ ଏମିତି ମିଶ୍ରଣ, ଯାହା ହୃଦୟକୁ ଛୁଇଁଯାଏ । ଏହି ପଦଯାତ୍ରା ଆଜି ପୁରୀ ସହର ଓ ସଦରବାସୀଙ୍କ ଆତ୍ମାର ସ୍ୱର ହୋଇଉଠିଛି । ଶ୍ରୀଜଗନ୍ନାଥଙ୍କ ପ୍ରତି ଅତ୍ୟୁଟ ଭକ୍ତି ଏବଂ ସ୍ୱାଭାବିକ ଦର୍ଶନ ଅଧିକାର ପ୍ରତି ଗଭୀର ଆକାଂକ୍ଷା ଏହାକୁ ଏକ ସାମୁହିକ ସଂକଳ୍ପରେ ପରିଣତ କରିଛି । ଏଠାରେ ଭକ୍ତି କେବଳ ଭାବନା ନୁହେଁ-ଏହା ନ୍ୟାୟ ପାଇଁ ଏକ ଶାନ୍ତ କିନ୍ତୁ ଅଦମ୍ୟ ଆନ୍ଦୋଳନ । ନାରୀ-ପୁରୁଷ, ଯୁବକ-ବୃଦ୍ଧ ସମସ୍ତଙ୍କର ଏକତ୍ର ଅଂଶଗ୍ରହଣ ଏହି ଯାତ୍ରାକୁ ଦେଇଛି ଜୀବନ । ପ୍ରତ୍ୟେକ ମୁହଁରେ ଭକ୍ତିର ଆଲୋକ, ପ୍ରତ୍ୟେକ ହୃଦୟରେ ଏକ ଅଦୃଶ୍ୟ ପ୍ରାର୍ଥନା- "ପ୍ରଭୁ, ଆମକୁ ଆମ ଅଧିକାର ଫେରେଇ ଦିଅ ।" ୬୧ ଦିନ ପରେ ମଧ୍ୟ ଏହି ପଦଯାତ୍ରାର ଉତ୍ସାହ ଶିଥିଳ ହୋଇନାହିଁ; ବରଂ ପ୍ରତ୍ୟେକ ଦିନ ସହିତ ଏହା ଆହୁରି ଗଭୀର ହେଉଛି । ଏହା ଏକ ଏମିତି ଯାତ୍ରା, ଯେଉଁଥିରେ ଆସ୍ଥା ଅଶ୍ରୁରେ ଭିଜେ, ବେଦନା ସଂକଳ୍ପରେ ପରିଣତ ହୁଏ ଏବଂ ଅଧିକାର ପାଇଁ ମନୁଷ୍ୟ ନିଜେ ଦୃଢ଼ ହୋଇଉଠେ । ଆଜିର ପଦଯାତ୍ରାରେ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ଭାଗ୍ୟ ମହାନ୍ତି, ନୃସିଂହ ନାଥ ନାୟକ, କୃପିତର ଦାସ, ମମତା ସ୍ୱାଇଁ, ସନ୍ଧ୍ୟା ରାଣୀ ମିଶ୍ର, ମୀନାକ୍ଷୀ ଦାସ, ବନିତା ଦିକ୍ଷିତ, ବର୍ଷା ଦାସ,କିଶୋର ଚନ୍ଦ୍ର ଦାସ, ଶିବ ସୁନ୍ଦର ମିଶ୍ର,ବିଜୟ କୁମାର ମିଶ୍ର, ଦୁର୍ଗା ମାଧବ କର, ଅଭିମନ୍ୟୁ ପ୍ରଧାନ, ପ୍ରକାଶ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ସାହୁ, ନିରଞ୍ଜନ ସାସ୍ମଲ, ପ୍ରଦୀପ୍ତ କୁମାର ମହାନ୍ତି, ଯାଦବ ନନ୍ଦ ରାୟ, ମନୋଜ୍ କୁମାର ସାମଲ, ଆସା ବେହେରା, ସୁରଜ ଜାଲି, ଚୁମୁକି ନାୟକ, କୁକି ବେହେରା, ଆଦ୍ୟାଶା ମହାଲ, ବଟକୃଷ୍ଣ ବେହେରା ଓ ଲିଙ୍ଗରାଜ ସାହୁ,ପ୍ରମୁଖ ସାମିଲ ଥିଲେ ତଥା ସମସ୍ତଙ୍କ ଏକତାବଦ୍ଧ ଅଂଶଗ୍ରହଣ ଏହି ପଦଯାତ୍ରାକୁ ଅଧିକ ଶକ୍ତିଶାଳୀ କରିଥିଲା । ପଦଯାତ୍ରାର ସଂଯୋଜନା ଆବାହକ ସ୍ୱାଧୀନ କୁମାର ପଣ୍ଡା କରିଥିଲେ । ସେ କହିଥିଲେ ଯେ, ଏହି ଯାତ୍ରା ଥମିବ ନାହିଁ, ଯେଉଁ ପର୍ଯ୍ୟନ୍ତ ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିରରେ ଦର୍ଶନ ଅଧିକାର ପୁନଃସ୍ଥାପିତ ନହୋଇଛି । ଏହା କେବଳ ଏକ ଦାବି ନୁହେଁ- ଏହା ଆମ ଆସ୍ଥାର ନ୍ୟାୟସଙ୍ଗତ ଅଧିକାର ପାଇଁ ଏକ ଅବିରତ ପ୍ରାର୍ଥନା ଓ ସଂକଳ୍ପ ବୋଲି କହିଥିଲେ ।

ପ୍ରଧାନ ଶିକ୍ଷୟିତ୍ରୀ ଝୁରନବାଳା ଖୁଂଟିଆଙ୍କୁ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା

ଭଦ୍ରକ, ୦୧/୦୬ (ଆ.ପ୍ର) : ଭଦ୍ରକ ବ୍ଲକ ଅନ୍ତର୍ଗତ ରାହାଞ୍ଜ ପଂଚାୟତର ଅସୁରା ଗ୍ରାମର ତ୍ରିଶୂଳପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁନାମଧନ୍ୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଝୁରନବାଳା ଖୁଂଟିଆଙ୍କ ଅବସର ଗ୍ରହଣ ଉପଲକ୍ଷେ ଏକ ଭାବବିହ୍ୱଳ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ବର୍ଷ ଧରି ଶିକ୍ଷା କ୍ଷେତ୍ରରେ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ତାଙ୍କର ଅବଦାନ ପାଇଁ ତାଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାର ଲୋକପ୍ରିୟ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଶ୍ରୀମତୀ ଖୁଂଟିଆଙ୍କ ଶିକ୍ଷା କ୍ଷେତ୍ରରେ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଜଣେ ଆଦର୍ଶ ଶିକ୍ଷକ କେବଳ ପାଠ ପଢ଼ାନ୍ତି ନୁହେଁ, ବରଂ ସମାଜ ଗଠନରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି, ନିଜକୁ ତଥା ନିଜ ବିଦ୍ୟାଳୟ ସୁନାମ ଅଣିବାରେ ସହାୟକ ହୋଇଥାନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ଶ୍ରୀମତୀ ଖୁଂଟିଆ । ଶିକ୍ଷାଦାନ ହେଉ କି ପ୍ରଶାସନିକ ଦକ୍ଷତା ସବୁଥିରେ ବିଦ୍ୟାଳୟର ସୁନାମ ବୃଦ୍ଧିରେ ଶ୍ରୀମତି ଖୁଂଟିଆଙ୍କ ଅବଦାନକୁ ଏ ଅଂଚଳ ସବୁଦିନେ ମନେ ରଖିଥିବ । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସମାଜସେବୀ ଭାଗିରଥି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ସହ ଶିକ୍ଷା ଧିକାରୀ ଗୟାଧର ବେହେରା,ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରଜମୋହନ ମିଶ୍ର ଉପସ୍ଥିତ ରହି ଶ୍ରୀମତୀ ଖୁଂଟିଆଙ୍କ କର୍ମମୟ ଜୀବନ, ତାଙ୍କର ଶିକ୍ଷାପ୍ରତି ନିଷ୍ଠା ଏବଂ ମାନବିକ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଗ୍ରାମବାସୀମାନଙ୍କ ତରଫରୁ ଶ୍ରୀମତୀ ଖୁଂଟିଆଙ୍କୁ ଏକ ସୁସଜ୍ଜିତ ରଥରେ ବସାଇ ବିଭିନ୍ନ ପ୍ରକାର ବାଜା ଓ ନାଚର ତାଳେ ତାଳେ ଗ୍ରାମ ପରିକ୍ରମା କରାଇଥିଲେ ।

ସଫେଇ କର୍ମଚାରୀଙ୍କ ଧାରଣା ପ୍ରତ୍ୟାହୃତ

ଦଶପଲ୍ଲା, ୦୧/୦୬ (ଆ.ପ୍ର) : ଦଶପଲ୍ଲା ଡ଼ାକ୍ତରଖାନା ପରିସରରେ ଭାରତୀୟ ମଜଦୁର ସଂଘ ନେତୃତ୍ୱରେ ଚାଲିଥିବା ସଫେଇ କର୍ମଚାରୀଙ୍କ ଧାରଣା ଆଜି ପ୍ରତ୍ୟାହୃତ ହୋଇଛି । ୨୯ ତାରିଖ ଠାରୁ ଆରମ୍ଭ ହୋଇଥିଲା ଧାରଣା ଦେବା ଫଳରେ ମେଡିକାଲ ପରିସରରେ ସଫେଇ ନ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା । ଛଟେଇ ସଫେଇ ସୁପର ଭାଇଜର ସନ୍ତୋଷ କୁମାର ନାୟକଙ୍କୁ ପୁନଃ ନିଯୁକ୍ତି କରିବା, ସଫେଇ କର୍ମଚାରୀଙ୍କୁ ନିର୍ଦ୍ଦିଷ୍ଟ ତାରିଖରେ ଦରମା ଦେବା, ଇ ପି ଏଫ ଭରିବା, ଡ୍ରେସ୍ ସହ ପରିଚୟପତ୍ର ପ୍ରଦାନ କରିବା ପ୍ରଭୃତି ୭ ଦଫା ଦାବିକୁ ନେଇ ସେଠାରେ ଧାରଣା ଚାଲିଥିଲା । ସୋମବାର ଦିନ ଧାରଣା ସ୍ଥଳରେ ମେଡିକାଲ ଭାରପ୍ରାପ୍ତ

ଅଧିକାରୀ ଡ଼ଃ ଅନ୍ତର୍ଯ୍ୟାମୀ ସାହୁ, ବିପିଏମ ତୁଷାର ରଂଜନ ସାହୁ, ବିଏଏମ ସୁଧାଂଶୁ ଶେଖର ପଣ୍ଡା, ସୌମ୍ୟରଞ୍ଜନ ରଥ, ଭାରତୀୟ ମଜଦୁର ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭାପତି ବନମାଳୀ ମିଶ୍ର, ଦଶପଲ୍ଲା ବ୍ଲକ ସଭାପତି ପ୍ରକାଶ କୁମାର ପାଣି ପ୍ରମୁଖ ଉପସ୍ଥିତିରେ କର୍ମଚାରୀଙ୍କ ଦାବିଗୁଡ଼ିକୁ ଉପରେ ଆଲୋଚନା କରାଯାଇଥିଲା । ଦାବି ଗୁଡିକ ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ଏବଂ ଯୋଗଦାନ କରିଥିବା ବ୍ୟକ୍ତି ବିଶେଷ ଧାରଣା କାରୀଙ୍କୁ ଧାରଣାରୁ ଉଠାଇଥିଲେ । ଧାରଣାକାରୀ ସଫେଇ କର୍ମଚାରୀ ମାନେ ଧାରଣାରୁ ଉଠିବା ସହିତ ସଫେଇ କାର୍ଯ୍ୟ ରେ ଯୋଗଦାନ କରି ମେଡିକାଲ ପରିସରକୁ ସଫେଇ କରିଥିଲେ । ଭାରତୀୟ ମଜଦୁର ସଂଘ ନୟାଗଡ଼ ଜିଲା ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ବିଧାୟକଙ୍କ ଉଦ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଲା ଏସି

ପାରଳାଖେମୁଣ୍ଡି, ୦୧/୦୬ (ଆ.ପ୍ର) : ପାରଳା ବିଧାୟକଙ୍କ ଉଦ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଲା ଏସି । ଗରମ ବାଉରୁ ରୋଗୀଙ୍କୁ ସାମାନ୍ୟ ଆଶ୍ୱସ୍ତ ମିଳିଛି । ସାରା ରାଜ୍ୟ ଗ୍ରୀଷ୍ମ ପ୍ରବାହର ପ୍ରକୋପରେ ଆଉଟପୋଉଟ ହେଉଥିବା ବେଳେ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଅବସ୍ଥା କହିଲେ ନସରେ । ରୋଗୀ ୱାର୍ଡ ଗୁଡିକରେ ଏସି ନଥିବାରୁ ଗରମରେ ବହୁ କଷ୍ଟ ଭୋଗୁଥିଲେ ରୋଗୀ । ଏପରି ସମୟରେ ରୋଗୀଙ୍କ ଅବସ୍ଥା ବୁଝିବାକୁ ହସ୍ପିଟାଲରେ ପହଂଚିଥିଲେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ ପାଣିଗ୍ରାହୀ । ରୋଗୀଙ୍କ ଦୁଃଖକୁ ହୃଦୟଙ୍ଗମ କରିଥିଲେ ବିଧାୟକ । ବାରମ୍ବାର ହସ୍ପିଟାଲ ଗସ୍ତ କରି ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ହସପିଟାଲ ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ସହ ଆଲୋଚନା କରି ଯୁଦ୍ଧକାଳୀନ ଭିତିରେ ସମସ୍ତ ୱାର୍ଡରେ ଏସି ଲଗେଇବା ବ୍ୟବସ୍ଥା ରଖିଛନ୍ତି । ଫଳରେ ଗରମ ବାଉରୁ ରୋଗୀଙ୍କୁ ସାମାନ୍ୟ ଆଶ୍ୱସ୍ତ ମିଳିଛି । ସମସ୍ୟା ନେଇ ବାରମ୍ବାର ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ହୋଇ ପାରି ନଥିଲା ଏସି ଲଗେଇବା ବ୍ୟବସ୍ଥା । ଅର୍ଥ ମଞ୍ଜୁର ହୋଇନଥିବାରୁ ଏହା ହୋଇ ପାରି ନଥିବା ବେଳେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ବିଧାୟକ । ହସ୍ପିଟାଲର ସ୍ଥିତି ଅନୁଧ୍ୟାନ କରିବା ସହ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ । ସମସ୍ତ ୱାର୍ଡରେ ଏସି ଲାଗିବା ଫଳରେ ବର୍ତ୍ତମାନ ଆଶ୍ୱସ୍ତ ମିଳିଥିବା କହିଛନ୍ତି ରୋଗୀ ଓ ରୋଗୀ ସମ୍ପର୍କୀୟ । ବିଧାୟକ ?ନିଜେ ଏହାର ଦାୟିତ୍ୱ ନେଇ ଏହାର ସମାଧାନ କରିଥିବାରୁ ବିଧାୟକଙ୍କୁ ସାଧୁବାଦ ଜଣାଉଛି ହସପିଟାଲରେ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ।

'ସ୍ୱଚ୍ଛତା ହିଁ ଦିବତ୍ୱ ସେବା ହିଁ ମହତ୍ୱ' କଲମ ଛାଡି ଝାଡୁ ଧରିଲେ ଉପଜିଲ୍ଲାପାଳ

ବଣାଇ, ୦୧/୦୬ (ଆ.ପ୍ର) : 'ସ୍ୱଚ୍ଛତା ହିଁ ଦିବତ୍ୱ ସେବା ହିଁ ମହତ୍ୱ' ଏକ ସୁସ୍ଥ ଓ ସଶକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସ୍ୱଚ୍ଛତା ପରିଚାଳନା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଦିଗରେ ସେମାନେ ପରିବର୍ତ୍ତନର ସୂତ୍ରଧର ହୋଇପାରିବେ । ସଂପ୍ରତି ପରିସ୍ଥିତିରେ ଆଜି ପରିବେଶ ପ୍ରଦୂଷଣ ଉତ୍କଟ ସ୍ଥିତିରେ ପହଂଚିଛି । ଏଣୁ ସମାଜର ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସନ୍ତୁ । ପ୍ରାରମ୍ଭରେ ବିଭିନ୍ନ ସମସ୍ୟା ଉପୁଜିପାରେ । କିନ୍ତୁ ଭବିଷ୍ୟତରେ ଏହା ଦୈନନ୍ଦିନ କାର୍ଯ୍ୟରେ ପରିଣତ ହୋଇଯିବ । ଆଗାମୀ ପିଢ଼ିକୁ ଏକ ସୁସ୍ଥ, ସୁନ୍ଦର ତଥା ସବୁଜ ପରିବେଶ ଭେଟି ଦେବାକୁ ହେଲେ ଆମକୁ ପରିବେଶ ସୁରକ୍ଷା ଦିଗରେ ବ୍ରତୀ ହେବାକୁ ପଡ଼ିବ । ଏହି ଅବସରରେ ବଣାଇ ଉପଖଣ୍ଡ ଅନ୍ତର୍ଗତ ଚାରି ବ୍ଲକ୍ ସମେତ ସଦର ମହକୁମାକୁ ମଳମୁକ୍ତ ତଥା ସ୍ୱଚ୍ଛ ଓ ସୁସ୍ଥ ରଖିବା ନିମନ୍ତେ ଆଜି ବଣାଇ ପ୍ରଶାସନ ପକ୍ଷରୁ ଏକ ସ୍ୱଚ୍ଛ ଅଭିଯାନ କାର୍ଯ୍ୟକ୍ରମ ବାବା ବାଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯାନରେ ବଣାଇ ଉପଜିଲ୍ଲାପାଳ ଅଶୋକ ଦାସ ନିଜେ କଲମ ଛାଡି ହାତରେ ଝାଡୁ ଧରି ଅଳିଆ ସଫାକରି ଯୁବ ପିଢ଼ିକୁ ସ୍ୱଚ୍ଛତା ପାଇଁ ବାର୍ତ୍ତା ମାଧ୍ୟମରେ ଆହ୍ୱାନ ଜଣାଇଥିଲେ । ଏହି ପରିପ୍ରେକ୍ଷୀରେ ବଣାଇ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଶିବାଙ୍ଗୀ ଆନନ୍ଦ, ସହକାରୀ ଜିଲ୍ଲାପାଳ କୁନ୍ଦମଣି ଧଳ, ବିଡ଼ିଓ ଦିବ୍ୟ ଶଙ୍କର ଜୟପୁରିଆ, ଜିଲ୍ଲା ପରିଷଦ (ଖ) ରାମ ଚନ୍ଦ୍ର ସାହୁ, ସରପଂଚ ନମିତା ନାଗ, କନିଷ୍ଠ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ରହି ହାତରେ ଝାଡୁ ଧରି ସଫେଇ କାର୍ଯ୍ୟ କରିଥିଲେ । ନିଜର ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସହିତ ଏକ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଅନ୍ୟମାନଙ୍କୁ ପ୍ରେରଣା ଦେବା ହେଉଛି,ଏହି ଅଭିଯାନର ଅଭିମୁଖ୍ୟ । ସ୍ୱଚ୍ଛତା କ୍ଷେତ୍ରରେ ଏହା ସର୍ବଦା ପ୍ରୟାସ ରହୁ । ପରିବେଶ ସୁରକ୍ଷା ଅଭିଯାନ ପରିବେଶ ସୁରକ୍ଷା କ୍ଷେତ୍ରରେ ଜନ ସମୁଦାୟକୁ ଏହି ମହାଯଜ୍ଞରେ ସମ୍ମିଳିତ ହେବା ପାଇଁ ଉତ୍ସାହିତ ହେବାକୁ ପଡ଼ିବ । ସେପଟେ ଏଭଳି କାର୍ଯ୍ୟକ୍ରମକୁ ସ୍ୱାଗତ କରିଛନ୍ତି ପରିବେଶପ୍ରେମୀ ।

ସେଇଠୁ ଆରମ୍ଭ
SEITHO ARAMBHA

ଗୁଜରାଟଙ୍କୁ ହରାଇ ଲଗାତର ଦ୍ୱିତୀୟ ଥର ଚାମ୍ପିୟନ ହେଲା ଆରସିବି

ଅହମ୍ମଦାବାଦ, ୧/୬(ନ୍ୟୁ.ଏ): ସହଜ ବିଜୟ ଲକ୍ଷ୍ୟ ତଥାପି ମୁକାବିଲା ଥିଲା ରୋମାଂଚକର । ପ୍ରଥମ ଇନିଂସରେ ୧୦୦ ରନ୍ ଭିତରେ ଯେତେବେଳେ ଗୁଜରାଟ ୫ ଟି ୱିକେଟ ହରାଇସାରିଥିଲା, ସେ ସମୟରୁ ମୁକାବିଲା କେଉଁ ନିର୍ଣ୍ଣାୟକ ମୋଡ଼ରେ ପହଂଚିବ ଏକପ୍ରକାର ସ୍ପଷ୍ଟ ହୋଇସାରିଥିଲା । ଆରସିବି ଆଗରେ ୧୫୫ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା ଗୁଜରାଟ । ଯାହାକୁ ସନ୍ତୁଳିତ ଭାବେ ସଫଳତାର ସହିତ ହାସଲ କରିଛି ପାଟିଦାର ବାହିନୀ । ଆଇପିଏଲ୍ ୨୦୨୬ର ଫାଇନାଲ ମୁକାବିଲାରେ ଗୁଜରାଟଙ୍କୁ ହରାଇ ଲଗାତର ଦ୍ୱିତୀୟ ଥର ଚାମ୍ପିୟନ ହୋଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ଏଥିସହିତ ଆଇପିଏଲ୍ ଇତିହାସରେ ଲଗାତର ଦୁଇଥର ଚାମ୍ପିୟନ ହେବା କ୍ଷେତ୍ରରେ ଚେନ୍ନାଇ ଏବଂ ମୁମ୍ବାଇ ପରେ ଆରସିବି ତୃତୀୟ ଦଳ ଭାବେ ଉଭା ହୋଇଛି । ବିରାଟ କୋହଲିଙ୍କ ୯ ଚୌକା ଏବଂ ୩ ଛକା ସହାୟତାରେ ଦର୍ଶନୀୟ ୭୫ ରନର ଇନିଂସ ଦଳକୁ ଚାମ୍ପିୟନ କରିବାରେ ଯଥେଷ୍ଟ ସହାୟକ ହୋଇଛି । ବିରାଟଙ୍କ ବ୍ୟତିତ ଦଳ ପକ୍ଷରୁ ଭେଙ୍କଟେସ ଆୟର ୩୨ ରନ୍, ଟିମ୍ ଡେଭିଡ ୨୪ ରନ୍, ରଜତ ପାଟିଦାର ୧୫ ରନ୍ କରିଥିବା ବେଳେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁପାରି ନଥିଲେ । ସେପଟେ ଗୁଜରାଟ ପକ୍ଷରୁ ରସିଦ ଖାନ୍ ଏବଂ ଅର୍ଶଦ ଖାନ୍ ୨ ଟି ଲେଖାଏଁ ୱିକେଟ ନେଇଥିବା ବେଳେ ମହମ୍ମଦ ସିରାଜ ଏବଂ କାଗିସୋ ରାବଡ଼ା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ । ରଜତ ପାଟିଦାରଙ୍କ ଅଧିନାୟକତ୍ବରେ, ଆରସିବି ଇତିହାସ ସୃଷ୍ଟି କରିଛି । ଏମଏସ ଧୋନି ଏବଂ ରୋହିତ ଶର୍ମାଙ୍କ ପରେ ପାଟିଦାର ବର୍ତ୍ତମାନ ତୃତୀୟ ଅଧିନାୟକ ଭାବେ ଲଗାତାର ଦୁଇଟି ଟାଇଟଲ ଜିତିଛନ୍ତି । ସମୀକ୍ଷକ ଏବଂ ବିଶେଷଜ୍ଞମାନେ ସମାନ ଭାବରେ କହୁଛନ୍ତି ଯେ ଏହି ଗ୍ରାଉଣ୍ଡରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସଠିକ୍ ନିଷ୍ପତ୍ତି ହେବ । ତଥାପି, ଅଧିନାୟକ ପାଟିଦାର ଏବଂ ଆରସିବି ପରିଚାଳନାର ଅନ୍ୟ ଯୋଜନା ଥିଲା । ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତି ନେଇଥିଲା । ବେଦମ୍ ହେଲା ଗୁଜରାଟ:୨୦୨୬ ଆଇପିଏଲରେ ଗୁଜରାଟ ଟାଇଟାନ୍ସ ପାଇଁ ସବୁଠାରୁ ବଡ଼ ସମସ୍ୟା ଥିଲା ଯେ ଶୁଭମନ ଗିଲ, ସାଇ ସୁଦର୍ଶନ ଏବଂ ଜୋସ୍ ବଟଲରଙ୍କ ଶୀଘ୍ର ଆଉଟ୍ ହେବା ଫଳରେ ସମଗ୍ର ଦଳ ଭୁଶୁଡ଼ି ପଡ଼ିଥିଲା । ଫାଇନାଲରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା, ଶୁଭମନ ଗିଲ (୧୦), ସାଇ ସୁଦର୍ଶନ (୧୨) ଏବଂ ଜୋସ୍ ବଟଲର (୧୯) ଶୀଘ୍ର ବିଦାୟ ନେଇଥିଲେ । ୱାଶିଂଟନ ସୁନ୍ଦର ୫୦ ରନ୍ କରି ଗୁଜରାଟଙ୍କୁ ୧୫୫ ରନ୍‌ରେ ପହଂଚାଇବାରେ ସାହାଯ୍ୟ କରିଥିଲେ । ବେଙ୍ଗାଲୁରୁ ପାଇଁ ରସିଖ ଦାର ସଲାମ ତିନୋଟି ୱିକେଟ ନେଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ । କିନ୍ତୁ ସବୁ ପରିଶ୍ରମ ବୃଥା ସାବ୍ୟସ୍ତ ହୋଇଛି । ୧୫୬ ରନର ଟାର୍ଗେଟକୁ ପିଛା କରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଭେଙ୍କଟେଶ ଆୟର ଏବଂ ବିରାଟ କୋହଲିଙ୍କ ବ୍ୟାଟରୁ ଏକ ଆକର୍ଷଣୀୟ ଇନିଂସ ଆରମ୍ଭ ହୋଇଥିଲା । ପାୱାରପ୍ଲେରେ ବାଙ୍ଗାଲୋର ୭୦ ରନ କରିସାରିଥିଲା । ଆୟର ୧୬ ବଲରେ ୩୨ ରନ କରିଥିଲେ । ଟିମ୍ ଡେଭିଡ ୨୪ ରନ ଏବଂ ରଜତ ପାଟିଦାର ୧୫ ରନର ଏକ ଛୋଟ ଅବଦାନ ଦେଇଥିଲେ । ତଥାପି, ବାଙ୍ଗାଲୋରର ବିଜୟର ହିରୋ ବିରାଟ କୋହଲି ଥିଲେ, ଯିଏ ୪୨ ବଲରେ ୭୫ ରନର ଅପରାଜିତ ଇନିଂସ ଖେଳିଥିଲେ । ବିରାଟ ମଧ ଜରଣ ପାଇଁ ବିଜୟୀ ସଟ୍ ମାରିଥିଲେ । ସେ ଅର୍ଶଦ ଖାନଙ୍କ ବଲରେ ଛକା ମାରି ଆରସିବିର ବିଜୟ ସୁନିଶ୍ଚିତ କରିଥିଲେ ।

ଆଇପିଏଲ୍‌ରୁ 'ଇମ୍ପାକ୍ଟ ଖେଳାଳି' ନିୟମ ହଟୁ: ସଚିନ

ମୁମ୍ବାଇ, ୧/୬(ନ୍ୟୁ.ଏ): ଆଇପିଏଲ୍‌ରେ ପ୍ରଚଳିତ 'ଇମ୍ପାକ୍ଟ ଖେଳାଳି' ନିୟମ ପୁଣି ଚର୍ଚ୍ଚାକୁ ଆସିଯାଇଛି । ଏହି ବ୍ୟବସ୍ଥାକୁ ହଟାଇଦେବାକୁ କିମ୍ବଦନ୍ତି ବ୍ୟାଟର ସଚିନ ତେନ୍ଦୁଲକର ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଏହି ନିୟମ ଏବେ ବ୍ୟାଟିଂ ଓ ବୋଲିଂ ମଧ୍ୟରେ ବି ଭାରସାମ୍ୟ ବିଗାଡ଼ିଦେଉଛି । ସେ କହିଛନ୍ତି, ଏକ ୨୦ ଓଭର ମ୍ୟାଚ୍‌ରେ ଯେତେବେଳେ ଜଣେ ଅତିରିକ୍ତ ବ୍ୟାଟରଙ୍କୁ ଖେଳାଯାଉଛି ତାହା ବୋଲରମାନଙ୍କ ଆଗରେ ଅତିରିକ୍ତ ଆହ୍ୱାନ ସୃଷ୍ଟି କରୁଛି । ଆଇପିଏଲ୍‌ରେ ବ୍ୟାଟିଂ ଅନୁକୂଳ ପିଚ୍ ଯୋଗୁଁ ରେକର୍ଡ ରନ୍ ସ୍କୋର ହେଉଥିବାବେଳେ ଇମ୍ପାକ୍ଟ ଖେଳାଳି ନିୟମ ବ୍ୟାଟିଂ ଓ ବୋଲିଂ ମଧ୍ୟରେ ଥିବା ଭାରସାମ୍ୟହୀନତାକୁ ଆହୁରି ବଢାଇଦେଉଛି । ବ୍ୟାଟିଂ ଓ ବୋଲିଂ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ପାୱାରପ୍ଲେ ନିୟମରେ ବି ପରିବର୍ତ୍ତନ କରିବାକୁ ସେ ପରାମର୍ଶ ଦେଇଛନ୍ତି । 'ବ୍ୟାଟିଂ ପାୱାରପ୍ଲେ' ପରି 'ବୋଲିଂ ପାୱାରପ୍ଲେ' ଆରମ୍ଭ କରିବାକୁ ସେ କହିଛନ୍ତି । ମ୍ୟାଚ୍‌ର ପ୍ରଥମ ଛଅ ଓଭର ପାୱାରପ୍ଲେ ମଧ୍ୟରୁ ଚାରି ଓଭରରେ ପୂର୍ବବତ୍ ଫିଲ୍ଡିଂ କଟକଣା ରହୁ ଓ ଅବଶିଷ୍ଟ ଦୁଇ ଓଭର ପାୱାର ପ୍ଲେ କେତେବେଳେ ନିଆଯିବ ତାହାର ଅଧିକାର ବୋଲିଂ ଅଧିନାୟକଙ୍କୁ ଦିଆଯାଉ ଓ ସେହି ଦୁଇ ଓଭରରେ ଜଣେ ଅତିରିକ୍ତ ଫିଲ୍ଡରଙ୍କୁ ଭିତର ବୃତ ବାହାରେ ଯେକୌଣସି ସ୍ଥାନରେ ରଖିବାକୁ ଅନୁମତି ଦିଆଯାଉ । ପୂର୍ବରୁ ରୋହିତ ଶର୍ମା ଓ ଶୁଭମନ ଗିଲଙ୍କ ପରି ଖେଳାଳି ମଧ୍ୟ ଇମ୍ପାକ୍ଟ ଖେଳାଳି ନିୟମକୁ ସମାଲୋଚନା କରିଥିଲେ । ଏହା ଦଳରେ ଅଲରାଉଣ୍ଡରଙ୍କ ଭୂମିକା ଗୌଣ କରୁଛି ବୋଲି ସେ କହିଥିଲେ ।

ସଂସଦରେ ପୁଣି ଥରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଉପସ୍ଥାପନ କରିବେ କେନ୍ଦ୍ର ସରକାର !

ନୂଆଦିଲ୍ଲୀ, ୧/୬(ନ୍ୟୁ.ଏ): ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ (ଓଏନ୍‌ଓଇ) ଓ ସୀମା ପୁନଃନିର୍ଦ୍ଧାରଣ ବିଧେୟକ ପୁଣି ଥରେ ସଂସଦରେ ଉପସ୍ଥାପନ ହେବାକୁ ଯାଉଛି । ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଉପରେ ପ୍ରଥମ ଥର ପରାଜୟ ପରେ ଭାରତୀୟ ଜନତା ପାର୍ଟି ଏହାକୁ ପୁଣି ଥରେ ଆଣିବାକୁ ବଡ଼ ଯୋଜନା କରୁଛି ବୋଲି ଜଣାପଡ଼ିଛି । ତେବେ ଏହାକୁ ନେଇ ଅନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନଥିଲେ ମଧ୍ୟ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଓ ତାମିଲନାଡୁରେ ଡିଏମ୍‌କେ ପରି ବଡ଼ ଆଂଚଳିକ ଦଳମାନଙ୍କ ପରାଜୟ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବଡ଼ ଯୋଜନା କରାଯାଉଛି । 'ଇଣ୍ଡିଆନ୍ ଏକ୍ସପ୍ରେସ୍' ଏହାର ଏକ ରିପୋର୍ଟରେ ପ୍ରକାଶ କରିଛି ଯେ, ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଉଭୟ ଗୋଟିଏ ରାଷ୍ଟ୍ର,ଗୋଟିଏ ନିର୍ବାଚନ ଓ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣିବାକୁ ଯାଉଛନ୍ତି । ସୂତ୍ର ଅନୁସାରେ, ପଶ୍ଚିମବଙ୍ଗରେ ବିଜୟ ପରେ ଉତ୍ସାହିତ ହୋଇ ବିଜେପି ସଂସଦରେ ରାଜନୈତିକ ବିଜୟ ପାଇଁ ଡିଏମ୍‌କେ ପରି ଆଂଚଳିକ ଦଳଗୁଡ଼ିକ ସହିତ ଯୋଗାଯୋଗ କରୁଛି । ମୁଖ୍ୟ ବିରୋଧୀ କଂଗ୍ରେସ ସ୍ପଷ୍ଟ ଭାବରେ କହିଛି ଯେ, ସରକାର କୌଣସି ପଦକ୍ଷେପ ନେବା ପୂର୍ବରୁ ଯଥାର୍ଥ ପ୍ରକ୍ରିୟା ଅନୁସରଣ କରିବା ଉଚିତ ଓ ସମସ୍ତ ଦଳ ସହିତ ପରାମର୍ଶ କରିବା ଉଚିତ । ସୂଚନା ଅନୁଯାୟୀ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏପ୍ରିଲ ମାସରେ ଲୋକସଭାରେ ସମ୍ବିଧାନ (୧୩୧ ସଂଶୋଧନ) ବିଲ୍, ୨୦୨୬ ପାରିତ କରିବାରେ ବିଫଳ ହେବା ପରେ ଏକ ନୂତନ ସୀମା ନିର୍ଦ୍ଧାରଣ ବିଲ୍ ପ୍ରସ୍ତୁତ କରୁଛନ୍ତି । ସୂତ୍ର ଅନୁଯାୟୀ, ଡିଏମ୍‌କେର ଆଶ୍ଚର୍ଯ୍ୟଜନକ ପରାଜୟ ଓ ଟିଭିକେ ସରକାରରେ ଯୋଗଦେବା ପାଇଁ କଂଗ୍ରେସର ପଦକ୍ଷେପ ପରେ ଏମ୍‌କେ ଷ୍ଟାଲିନଙ୍କ ଦଳ ଭିତରେ ବିଜେପି ସହିତ 'ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ' ଆଲୋଚନା କରିବାକୁ ସ୍ୱର ଉଠୁଛି । ଏହାସହିତ ଟିଏମସି ଭିତରେ ଗଭୀର ହେଉଥିବା ବିଭାଜନ ଓ ପଶ୍ଚିମବଙ୍ଗରେ ଏହାର ନେତୃତ୍ୱ ବିରୋଧରେ ବଢୁଥିବା କ୍ରୋଧ ଉପରେ ମଧ୍ୟ ବିଜେପି କଡ଼ା ନଜର ରଖିଛି । ତେବେ ଏପରି ସ୍ଥିତିରେ ଏହି ଦୁଇ ବିଲ୍ କିପରି ଓ କେବେ ଅଣାଯିବ ସେ ଉପରେ ବିଜେପି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛି । ସମାନ୍ତରାଳ ଭାବରେ ଲୋକସଭା ଓ ବିଧାନସଭା ନିର୍ବାଚନକୁ ସମନ୍ୱୟ କରିବା ପାଇଁ ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍ କୁ ଆନୁଷ୍ଠାନିକ ରୂପ ଦେବା ପାଇଁ କାର୍ଯ୍ୟ ଚାଲିଛି । ବର୍ତ୍ତମାନ ଏହାକୁ ୩୯ ସଦସ୍ୟ ବିଶିଷ୍ଟ ମିଳିତ ସଂସଦୀୟ କମିଟି (ଜେପିସି) ଦ୍ୱାରା ସମୀକ୍ଷା କରାଯାଉଛି । ପ୍ରସ୍ତାବିତ ଆଇନ ବିଷୟରେ ପଚରାଯିବାରୁ, ଜେପିସି ଅଧ୍ୟକ୍ଷ ପିପି ଚୌଧୁରୀ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ'କୁ କହିଛନ୍ତି, ଆଇନଟି ଖୁବ୍ ଶୀଘ୍ର ସଂଶୋଧନ କରାଯିବ । ରିପୋର୍ଟ ଉପରେ ଅଗ୍ରଗତି ହୋଇଛି ଓ ଆମେ ସମୟ ମଧ୍ୟରେ ରିପୋର୍ଟ ଦାଖଲ କରିବୁ । ଜେପିସିର କାର୍ଯ୍ୟକାଳ ମୌସୁମୀ ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଅନ୍ୟ ଜଣେ ବିଜେପି ନେତା କହିଛନ୍ତି ଯେ, ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳକୁ ଦୃଷ୍ଟିରେ ରଖି ଏହି ଆଇନର କାର୍ଯ୍ୟାନ୍ୱୟନ ପର୍ଯ୍ୟାୟକ୍ରମେ କରାଯାଇପାରେ । ଉଦାହରଣ ସ୍ୱରୂପ, ପାଂଚଟି ରାଜ୍ୟରେ ନିକଟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସାତଟି ରାଜ୍ୟ (ଉତ୍ତର ପ୍ରଦେଶ, ଉତରାଖଣ୍ଡ, ପଞ୍ଜାବ, ଗୋଆ, ମଣିପୁର, ହିମାଚଳ ପ୍ରଦେଶ ଓ ଗୁଜରାଟ)ରେ ୨୦୨୭ ମସିହାରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ପର୍ଯ୍ୟାୟକ୍ରମେ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ବିଜେପି ଏ ବିଷୟରେ ଡିଏମକେ ସହିତ ଯୋଗାଯୋଗ କରିଥିବା ଜଣାପଡିଛି । ସୂତ୍ର ଅନୁଯାୟୀ, ବିଜେପି ପୂର୍ବରୁ ଡିଏମକେ ସହିତ ଯୋଗାଯୋଗ କରିସାରିଛି, ଡିଏମ୍‌କେର ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲର ବର୍ତ୍ତମାନର ସ୍ୱରୂପରେ ପରିବର୍ତ୍ତନ ପ୍ରସ୍ତାବ ଦେଇଛି । ଯେହେତୁ ବିଜେପି ଓ ଡିଏମ୍‌କେ ଅନେକ ପ୍ରସଙ୍ଗରେ ପରସ୍ପର ବିରୋଧୀ ପକ୍ଷରେ ଅଛନ୍ତି, ତେଣୁ ଏକାଠି ହେବା ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ହେବ ବୋଲି ତାମିଲନାଡୁର ସଦ୍ୟତମ ରାଜନୈତିକ ଘଟଣାବଳୀ ସହିତ ପରିଚିତ ଜଣେ ବିଜେପି ନେତା କହିଛନ୍ତି ।

ଗୁଜରାଟ ଟାଇଟନ୍ସ ବସ୍‌ରେ ଧୂଆଁ, ଘଂଟାଏ ଅଟକି ରହିଲେ ଖେଳାଳି

ନୂଆଦିଲ୍ଲୀ, ୧/୬(ନ୍ୟୁ.ଏ): ଆଇପିଏଲ୍ ଫାଇନାଲରେ ପରାଜୟ ପରେ ଗୁଜରାଟଙ୍କୁ ବଡ଼ ଝଟକା ଲାଗିଛି । ଟ୍ରଫି ସ୍ୱପ୍ନ ଧୂଳିସାତ ହୁଏଥି ଭିତରେ ଦଳ ଉପରକୁ ଏକ ବିପଦ ମାଡ଼ି ଆସିଥିଲା । ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଛି ଆପିଏଲ୍ ଉପବିଜେତା ଗୁଜରାଟ ଟାଇଟନ୍ସ । ଫାଇନାଲ ମ୍ୟାଚ୍ ପରେ ଦଳ ଷ୍ଟାଡିୟମରୁ ହୋଟେଲକୁ ଫେରୁଥିବା ସମୟରେ ଏକ ଦୁର୍ଘଟଣା ଘଟିଥିଲା । ସର୍ଟ ସର୍କିଟ୍ ଯୋଗୁଁ ଗୁଜରାଟ ଟାଇଟାନ୍ସଙ୍କୁ ନେଇ ଯାଉଥିବା ବସ୍ ଖରାପ ହୋଇଗଲା । ସୌଭାଗ୍ୟବଶତଃ, କୌଣସି ବଡ଼ ଦୁର୍ଘଟଣା ଘଟିନାହିଁ ଏବଂ ବସ୍ରେ ଥିବା ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ସମୟ ମଧ୍ୟରେ ସୁରକ୍ଷିତ ଉଦ୍ଧାର କରାଯାଇଥିଲା । ରବିବାର ଅହମ୍ମଦାବାଦରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଗୁଜୁରାଟଙ୍କୁ ୫ ୱିକେଟ୍‌ରେ ପରାସ୍ତ କରି ଦ୍ୱିତୀୟ ଟ୍ରଫି ଜିତିଥିଲା । ଦୁର୍ଘଟଣାରୁ ଅଳ୍ପକେ ବର୍ତିଗଲେ ଗୁଜରାଟ ଖେଳାଳି- ଗୁଜୁରାଟ ଟାଇଟାନ୍ସର ସମସ୍ତ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍ ସୁରକ୍ଷିତ ଅଛନ୍ତି । ତଥାପି, ଟିମ୍ ବସ୍‌ରେ ସର୍ଟ ସର୍କିଟ୍ ଯୋଗୁଁ ଗୁଜରାଟ ଖେଳାଳିମାନଙ୍କୁ କିଛି ସମୟ ପାଇଁ ରାସ୍ତାରେ ଅପେକ୍ଷା କରିବାକୁ ପଡିଲା । କିଛି ସମୟ ପରେ, ସେମାନଙ୍କୁ ଅନ୍ୟ ଏକ ବସ୍‌ରେ ଟିମ୍ ହୋଟେଲକୁ ନିଆଯାଇଥିଲା । ଆଇପିଏଲ୍ ଫାଇନାଲ୍‌ରେ ପରାଜୟ ପରେ ଘଟିଥିବା ଏହି ଦୁର୍ଘଟଣା ଗୁଜରାଟ ଦଳକୁ ମାନସିକ ଭାବରେ ଆହୁରି ଦୋହଲାଇ ଦେଇଛି । ଫାଇନାଲରେ ଗୁଜରାଟ ଟାଇଟାନ୍ସର ପରାଜୟ ଆହୁରି ଦୁଃଖଦାୟକ କାରଣ ଏହା ସେମାନଙ୍କର ଘରୋଇ ଗ୍ରାଉଣ୍ଡ, ଅହମ୍ମଦାବାଦରେ ମ୍ୟାଚ ଖେଳାଯାଇଥିଲା । ଆଉ ଦଳକୁ ତାରି ହୋମଗ୍ରାଉଣ୍ଡରେ ପାରସ୍ତ କରି ଟାଇଟ ମାରିନେଲା ଆରସିବି । ଆଇପିଏଲ୍ ଫାଇନାଲ ମ୍ୟାଚ୍ ବାବଦରେ କହିବାକୁ ଗଲେ, ଦୀର୍ଘ ୧୮ ବର୍ଷ ଧରି ବିଫଳ ହେବା ପରେ ବେଙ୍ଗାଲୁରୁ କ୍ରମାନ୍ୱୟରେ ଦ୍ୱିତୀୟ ବର୍ଷ ଧରି ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇ ଆଇପିଏଲ ଟାଇଟଲ ବଜାୟ ରଖିଛି । ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ବେଙ୍ଗାଲୁରୁ ୫ ୱିକେଟ୍‌ରେ ଗୁଜରାଟଙ୍କୁ ହରାଇଥିଲା । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୮ ୱିକେଟ୍ ହରାଇ ୧୫୫ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ବେଙ୍ଗାଲୁରୁ ୧୮ ଓଭରରେ ୫ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । ଗୁଜରାଟ ଟାଇଟନ୍ସର ଟ୍ରଫି ସ୍ୱପ୍ନ ଧୂଳିସାତ ହୋଇଥିଲା । ୨୦୨୨ରେ ବିଜେତା ହୋଇଥିଲା ଟାଇଟନ୍ସ ନିରାଶ ହୋଇଥିଲା । ଅପରାଜିତ ୭୫ ରନର ଇନିଂସ ପାଇଁ ବିରାଟ କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ବୈଭବଙ୍କ ପାଇଁ ଭାବୁକ ପୋଷ୍ଟ କଲେ ଲକ୍ଷ୍ନୌ ଟିମର ମାଲିକ

ନୂଆଦିଲ୍ଲୀ, ୧/୬(ନ୍ୟୁ.ଏ): ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଫ୍ୟାନ୍ ବନିଛନ୍ତି ସମସ୍ତ କ୍ରିକେଟପ୍ରେମୀ । ତାଙ୍କର ଆକ୍ରମଣାତ୍ମକ ବ୍ୟାଟିଂ ସମସ୍ତଙ୍କୁ ଚକିତ କରିଛି । ପାକିସ୍ତାନରେ ମଧ୍ୟ ଏହି ଯୁବ କ୍ରିକେଟରଙ୍କୁ ପ୍ରଶଂସା କରଯାଉଛି । ଚଳିତ ଆଇପିଏଲରେ ଯେଭଳି ପ୍ରଦର୍ଶନ କରିଛନ୍ତି ବିପକ୍ଷ ଦଳର ମାଲିକ ମଧ୍ୟ ପ୍ରଶଂସାରେ ଶତମୁଖ ହୋଇଛନ୍ତି । ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ର ମାଲିକ ସଞ୍ଜୀବ ଗୋଏଙ୍କା ଏକ ପୋଷ୍ଟ କରି ପ୍ରଶଂସା କରିଛନ୍ତି । ଆଇପିଏଲ ୨୦୨୬ର ଚାମ୍ପିୟନ ହୋଇଛି ଆରସିବି । ତଥାପି ଅନେକ ପୁରସ୍କାର ଜିତିଛନ୍ତି ବୈଭବ ସୂର୍ଯ୍ୟବଂଶୀ । ତେବେ ଏହି ସଫଳତା ପରେ ଏକ ପୋଷ୍ଟ କରିଛନ୍ତି ଲକ୍ଷ୍ନୌ ମୁଖ୍ୟ ସଞ୍ଜୀବ ଗୋଏଙ୍କା । ସେ ବୈଭବଙ୍କ ଏକ ପୁରୁଣା ଫଟୋ ଏବଂ ଏବେକାର ଫଟୋ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ ଲେଖିଛନ୍ତି କି, ୯ ବର୍ଷ ପୂର୍ବେ ଷ୍ଟାଣ୍ଡରେ ପୁନେକୁ ସପୋର୍ଟ କରିବା ପାଇଁ ଉପସ୍ଥିତ ଥିବା ଛୋଟ ଫ୍ୟାନ୍ ଏବେ ଅରେଞ୍ଜ କ୍ୟାପର ଅଧିକାରୀ । ଏହା ଏକ ବିଶେଷ ସଫଳତା । ମୁଁ ନିଶ୍ଚିତ ଯେ, ଭାରତୀୟ ଜର୍ସିରେ ତାଙ୍କର ଆହୁରି ବଡ଼ ମାଇଲଖୁଂଟ ଅଛି । ତୁମେ ଏମିତି ଆଗକୁ ବଢ଼, ମୁଁ ତୁମ ପାଇଁ ଗର୍ବିତ । କହି ରଖୁଛୁ କି, ସଞ୍ଜୀବ ପୋଷ୍ଟ କରିଥିବା ଫଟୋ ୨୦୧୭ ମସିହାର । ୨ ବର୍ଷ ପାଇଁ ଆଇପିଏଲରେ ଭାଗ ନେଇଥିବା ପୁନେକୁ ସମର୍ଥନ କରି ଷ୍ଟାଡିୟମରେ ଉପସ୍ଥିତ ଥିଲେ ବୈଭବ । ସେ କୁନି ପିଲା ଥିବାବେଳେ ବାପାଙ୍କ ସହ ଯାଇଥିଲେ । ଆଉ ଚଳିତ ସିଜିନରେ କମାଲ ବ୍ୟାଟିଂ କରିଥିବାବେଳେ ଅରେଞ୍ଜ କ୍ୟାପର ଅଧିକାରୀ ହୋଇଛନ୍ତି । ସେ ୭୭୬ ରନ କରିଛନ୍ତି । ଏହାସହ ଚଳିତ ସିଜିନରେ ସର୍ବାଧିକ ଛକା ମାରିଛନ୍ତି । ୭୨ଟି ଛକା ମାରି ଇତିହାସ ରଚିଛନ୍ତି । ଗୋଟିଏ ଆଇପିଏଲ ସିଜିନରେ ସର୍ବାଧିକ ଛକା ମାରିବାର ରେକର୍ଡ ନିଜ ନାମରେ କରିଛନ୍ତି ।

ଉତର ପତ୍ର ଯାଂଚ୍ ପାଇଁ ସିବିଏସ୍‌ଇ ଟଙ୍କା ନେଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୧/୬(ନ୍ୟୁ.ଏ): ଉତର ପତ୍ର ଯାଂଚ୍ ପାଇଁ ସିବିଏସ୍‌ଇ ଟଙ୍କା ନେଉଥିବାରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ଏହି ପ୍ରସଙ୍ଗରେ ସେ ନରେନ୍ଦ୍ର ମୋଦୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ନିଜର ଅସନ୍ତୋଷ ପ୍ରକାଶ କରି ସିବିଏସ୍‌ଇକୁ ପକେଟମାର କହିବା ସହିତ ଏହାକୁ ଛାତ୍ରଛାତ୍ରୀମାନଙ୍କ ପ୍ରତି ଅନ୍ୟାୟ ବୋଲି କହିଛନ୍ତି । ସେ କହିଛନ୍ତି, ଯେତେବେଳେ ଫୋନ୍ ମାଧ୍ୟମରେ ସ୍କାନିଂ କରାଯାଉଛି ଭୁଲ୍ ମାର୍କିଂ ହୋଇଥିବା ନିଶ୍ଚିତ । ଏହାକୁ ସଂଶୋଧନ କରିବା ପାଇଁ ଛାତ୍ରଛାତ୍ରୀ ମୂଲ୍ୟ ଦେଉଛନ୍ତି । ଏଭଳି ପକେଟମାରଙ୍କଠାରୁ ସାବଧାନ ରୁହ, ସେମାନେ ସିବିଏସ୍‌ଇ ଭିତରେ ବସିଛନ୍ତି । ସିବିଏସ୍‌ଇ ଭୁଲ୍ ଯୋଗୁଁ ଭୁଲ୍ ମାର୍କ ମିଳିଛି ଏପରିସ୍ଥଳେ ପିଲା କ'ଣ ପାଇଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ଏକ ଡିଜିଟାଲ୍ ସ୍କାନ କପିରେ ପ୍ରତି ବିଷୟ ପାଇଁ ୧୦୦ ଟଙ୍କା ଖର୍ଚ୍ଚ ହେଉଛି । ସେହିପରି ମାର୍କ ମିଶାଇବା ପାଇଁ ପ୍ରତି ପେପର ପିଛା ୧୦୦ ଟଙ୍କା ଖର୍ଚ୍ଚ ହେଉଛି । ପୁନଃମୂଲ୍ୟାୟନ ପାଇଁ ପ୍ରତି ପ୍ରଶ୍ନ ପାଇଁ ୨୫ ଟଙ୍କା ଖର୍ଚ୍ଚ ହେଉଛି । ଜଣେ ପିଲାକୁ ନିଜର ଉତର ପତ୍ର ସଠିକ୍ ଭାବରେ ଯାଂଚ୍ କରିବା ପାଇଁ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଛି । କଳ୍ପନା କରନ୍ତୁ, ଯେତେବେଳେ ୪ ଲକ୍ଷ ପିଲା ଏପରି କାମ ପାଇଁ ଆବେଦନ କରିଛନ୍ତି, ସେତେବେଳେ ସିବିଏସ୍‌ଇ କେତେ ରୋଜଗାର କରୁଛି । ଦଣ୍ଡ ଭୋଗୁଛନ୍ତି ପିଲା । ରୋଜଗାର କରୁଛନ୍ତି ସରକାର । ରାହୁଲ ଗାନ୍ଧୀ କହିଥିଲେ ଯେ ଯେତେବେଳେ ଶିକ୍ଷାକୁ ସେବା ନୁହେଁ ବରଂ ବ୍ୟବସାୟରେ ପରିଣତ କରାଯାଇଛି । ପିଲାମାନେ ଏହାର ସବୁଠାରୁ ବଡ଼ ମୂଲ୍ୟ ଦେଉଛନ୍ତି । ସେମାନଙ୍କର ସମୟ, ସେମାନଙ୍କର ଆତ୍ମବିଶ୍ୱାସ ଏବଂ ସେମାନଙ୍କର ଭବିଷ୍ୟତ ସବୁ ନଷ୍ଟ ହେଉଛି । ପ୍ରଧାନମନ୍ତ୍ରୀଙ୍କ ପାଖରେ ଅନ୍ୟ ବିଷୟରେ କଥା ହେବା ପାଇଁ ସମୟ ଅଛି । ୧୮.୫ ଲକ୍ଷ ପିଲାଙ୍କ ବିଷୟରେ କଥା ହେବା ପାଇଁ ସମୟ ନାହିଁ ବୋଲି କହି ରାହୁଲ କଡ଼ା ସମାଲୋଚନା କରିଛନ୍ତି ।

ଜାଲ୍ ଦସ୍ତଖତ ଅଭିଯୋଗରେ ୨ ବିଧାୟକଙ୍କୁ ନିଲମ୍ବିତ କଲା ଟିଏମ୍‌ସି

ନୂଆଦିଲ୍ଲୀ, ୧/୬(ନ୍ୟୁ.ଏ): ପଶ୍ଚିମବଙ୍ଗରେ ବଡ଼ ପରାଜୟ ପରେ ମଧ୍ୟ ଆକ୍ସନ ମୁଡରେ ରହିଛନ୍ତି ଟିଏମସି ମୁଖ୍ୟ ମମତା ବାନାର୍ଜୀ । ଜାଲ୍ ଦସ୍ତଖତ ମାମଲାରେ ନେଇଛନ୍ତି କଡ଼ା ଆକ୍ସନ । ଏହି ମାମଲାରେ ସେ ଦୁଇଜଣ ଟିଏମସି ବିଧାୟକଙ୍କୁ ନିଲମ୍ବିତ କରିଛନ୍ତି । ରିତୋବ୍ରତ ବାନାର୍ଜୀ ଏବଂ ସନ୍ଦିପନ ଶାହାଙ୍କୁ ଟିଏମସିରୁ ସସପେଣ୍ଡ କରିଛନ୍ତି ମମତା । ରିତୋବ୍ରତ ବାନାର୍ଜୀ ପୂର୍ବ ଉଲୁବେରିଆରୁ ବିଧାୟକ ରହିଥିବାବେଳେ ସନ୍ଦିପନ ଏଂଟାଲିରୁ ବିଧାୟକ ରହିଛନ୍ତି । ଏହି ଦୁଇ ବିଧାୟକଙ୍କ ନାମରେ ଗମ୍ଭୀର ଅରୋପ ଲଗାଯାଇଛି । ଅନୁଷ୍ଠିତ ବୈଠକରେ ଉପସ୍ଥିତ ନଥିବା ବିଧାୟକଙ୍କ ଜାଲ୍ ଦସ୍ତଖତ କରିଥିବା ଅଭିଯୋଗ ହୋଇଥିଲା । ଏକ ପ୍ରସ୍ତାବ ଉପରେ ଏହି ଦୁଇ ବିଧାୟକ ଅନୁପସ୍ଥିତ ସଦସ୍ୟଙ୍କ ଦସ୍ତଖତ କରିଥିବା ଏକ ଗମ୍ଭୀର ଅଭିଯୋଗ ବୋଲି କୁହାଯାଇଥିବା ଟିଏମସି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das